

ମିଶନଶକ୍ତି ବ୍ଲକ୍‌ସ୍ତରୀୟ ମହାସଂଘର ନେତୃମଣ୍ଡଳୀ ଦୁବାଇ ଗସ୍ତ ପୂର୍ବରୁ ମଙ୍ଗଳବାର ନବୀନ ନିବାସଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି

# ୩ ଦିନ ପରେ ବଢ଼ିବ ଥଣ୍ଡା

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟରେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ହେବାର ସମ୍ଭାବନା ନାହିଁ। ଏହାପରେ ବିଭିନ୍ନ ସ୍ଥାନରେ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ପାଇବ। ଏଥିପାଇଁ ବର୍ତ୍ତମାନ ତୁଳନାରେ ଥଣ୍ଡାର ପ୍ରକୋପ ବୃଦ୍ଧି ପାଇବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ କୁହାଯାଇଛି। ସେହିପରି ରାଜ୍ୟରେ ବର୍ତ୍ତମାନ ଘନ କୁହୁଡ଼ି ଜାରି ରହିଛି। ବିଭିନ୍ନ ସ୍ଥାନରେ କୁହୁଡ଼ି ଯୋଗୁଁ ଜନଜୀବନ ଅସ୍ୱାଭାବିକ ହୋଇପଡ଼ିଛି। କିଛି ଦିନ ହେବ ଲଗାତାର ଭାବେ କୁହୁଡ଼ି ପ୍ରକୋପ ଜାରି ରହିଥିବା ବେଳେ ଏହି ସ୍ଥିତି ଆହୁରି ଦୁଇ ଦିନ ପର୍ଯ୍ୟନ୍ତ ଜାରି ରହିବ ବୋଲି ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଜପତି, ଗଞ୍ଜାମ, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା, କୋରାପୁଟ, ନବରଙ୍ଗପୁର ଓ ବଲାଙ୍ଗିର ଜିଲ୍ଲାରେ ଘନ କୁହୁଡ଼ି ଆଶଙ୍କା ରହିଛି। ସେହିପରି ବୁଧବାର ରାତିରୁ ଗୁରୁବାର ସକାଳ ମଧ୍ୟରେ ଝାରସୁଗୁଡ଼ା, ସୁନ୍ଦରଗଡ଼, କେନ୍ଦୁଝର, ଦେବଗଡ଼, ଅନୁଗୁଳ, ଢେଙ୍କାନାଳ, କଟକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ଖୋର୍ଦ୍ଧା, ପୁରୀ, ନୟାଗଡ଼, କନ୍ଧମାଳ, କଳାହାଣ୍ଡି, ରାୟଗଡ଼ା ଓ କୋରାପୁଟରେ ଘନ କୁହୁଡ଼ି ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପାଣିପାଗ କେନ୍ଦ୍ର ଏହି ଜିଲ୍ଲାଗୁଡ଼ିକ ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।

ଜଟଣୀରେ ବଢ଼ିଲା ବିଜେଡି ବଳ

# ସାମିଲ ହେଲେ ଶତାଧିକ ବିଜେପି ନେତା ଓ କର୍ମୀ



**ଭୁବନେଶ୍ୱର, ୯ ।୧(ସମିସ):** ଜଟଣୀ ନିର୍ବାଚନମଣ୍ଡଳୀରେ ଭାରତୀୟ ଜନତା ପାର୍ଟିକୁ ଲାଗିଛି ଜୋରଦାର ଝଟକା। ଜମଲିପଡ଼ା, ନପୁଟ ଓ ନରସିଂହପୁର ଗ୍ରାମପଞ୍ଚାୟତର ଶତାଧିକ ବିଜେପି କର୍ମୀ ଆଜି ବିଧିବଦ୍ଧ ଭାବେ ବିଜୁ ଜନତା ଦଳରେ ଯୋଗ ଦେଇଛନ୍ତି। ମଙ୍ଗଳବାର ସଂଧ୍ୟାରେ ଶଙ୍ଖଭବନ ଠାରେ ଆୟୋଜିତ ମିଶ୍ରଣ ପର୍ବରେ ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ଜେନା ଏବଂ ଜିଲ୍ଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ସେମାନଙ୍କୁ ଦଳରେ ସ୍ୱାଗତ କରିଛନ୍ତି। ଏହି ଅବସରରେ ବିଜେଡ଼ିରେ ସାମିଲ୍ ହୋଇଥିବା ବିଜେପି ନେତାମାନେ ନିଜ ପ୍ରତିକ୍ରିୟାରେ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀ ତଥା ବିଜେଡ଼ି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ଲୋକାଭିମୁଖୀ କାର୍ଯ୍ୟକଳାପ, ସ୍ୱଚ୍ଛ ଭାବମୂର୍ତ୍ତି ଓ ଆଦର୍ଶରେ ଆମକୁ ସର୍ବଦା ଅନୁପ୍ରାଣିତ କରିଆସିଛି। ବିଜେଡି ହେଉଛି ଏକମାତ୍ର ଦଳ ଯେଉଁଠାରେ ଅନୁଶାସନ ଓ ଜନସେବାକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଏ। ଏପରି ଏକ ଦଳରେ ସାମିଲ ହୋଇ ଲୋକଙ୍କ ପାଇଁ କାମ କରିବା ଆମ ପାଇଁ ସୌଭାଗ୍ୟର ବିଷୟ। ଆମକୁ ଦଳରେ ଆମକୁ ଗ୍ରହଣ କରିଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଦଳର ସାଂଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ଏବଂ ସମସ୍ତ ନେତୃବୃନ୍ଦଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ବୋଲି ସେମାନେ କହିଥିଲେ।

ମଳିପଡ଼ା ଗ୍ରାମପଞ୍ଚାୟତର ସରପଞ୍ଚ ସୁନୀଲ ମୁଦୁଲି, ନାଏବ ସରପଞ୍ଚ ମମତା ବଡ଼ଜେନା, ୱାର୍ଡ଼ମେମ୍ବର ଶ୍ୟାମସୁନ୍ଦର ଦେହୁରୀ, ସୁରେନ୍ଦ୍ର ରାଉତରାୟ, ମନୋରଞ୍ଜନ ପ୍ରଧାନ, ନୃସିଂହ ଚରଣ ଜେନା, ଖୋକନ ମଙ୍ଗରାଜ, ନପୁଟ ଗ୍ରାମପଞ୍ଚାୟତର ସରପଞ୍ଚ ସୁଚିତ୍ରା ପାତ୍ର, କମ୍ବୁପାଣି ପାତ୍ର, ଖୋର୍ଦ୍ଧା ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ଉପସଭାପତି ରାଜେଶ ପାତ୍ର, ବିଜେପି କର୍ମୀ ପ୍ୟାରୀ ମୋହନ ପରିଡ଼ା, ସୁଶୀଲ ପରିଡ଼ା, କୃପାସିନ୍ଧୁ ସାମନ୍ତରାୟ, ପ୍ରଦୀପ ପାଇକରାୟ, ନୀଳକଣ୍ଠ ଜେନା,

**ମିଶ୍ରଣ ପର୍ବରେ ସାମିଲ ହେଲେ ବିଜେପି ସମର୍ଥିତ ସରପଞ୍ଚ, ସମିତି ସଭ୍ୟ**

ଟୁଟିଳ ଭାରିମଲ, ନବ ମଙ୍ଗରାଜ, ରାକେଶ ପାତ୍ର, ଅଜୟ ଜେନା, ପର୍ଶୁରାମ ପାଇକରାୟ, ରଣସିଂହପୁର ଗ୍ରାମ ପଞ୍ଚାୟତର ସରପଞ୍ଚ ବର୍ଷାରାଣୀ ନାୟକ, ୱାର୍ଡ଼ ସଭ୍ୟ ମିଲନ କୁମାର ବଡ଼ଜେନା, ସୁବାସ ଚନ୍ଦ୍ର ମହାପାତ୍ର, ମନୋଜ କୁମାର ରଥ, ମଦନ ମୋହନ ବେହେରା, ନାଲୁ ସେନାପତି, ପ୍ରିୟରଞ୍ଜନ ନାୟକଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ୍ ହୋଇଥିଲେ। ଏହି ମିଶ୍ରଣ ପର୍ବରେ ରାଜ୍ୟ ସାଧାରଣ ସମ୍ପାଦକ ତଥା ଜଟଣୀ ନିର୍ବାଚନମଣ୍ଡଳୀର ପର୍ଯ୍ୟବେକ୍ଷକ କୈଳାସ ଚନ୍ଦ୍ର ପାତ୍ର, ଖୋର୍ଦ୍ଧା ଜିଲ୍ଲା ସହପର୍ଯ୍ୟବେକ୍ଷକ ଶୁଭ୍ରାଂଶୁ ମିଶ୍ର ଓ ଭୁବନେଶ୍ୱର ବ୍ଲକ ବିଜେଡ଼ି ସଭାପତି ମହେନ୍ଦ୍ର କୁମାର ଜଗଦ୍ଦେବ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜେଡ଼ି ମୁଖପାତ୍ର ଡଃ ପ୍ରିୟବ୍ରତ ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

କମିଶନରେଟ ପୁଲିସର ୧୬ତମ ସ୍ଥାପନା ଦିବସ

# ମହିଳାଙ୍କ ସୁରକ୍ଷା ମୋ ସରକାରର ପ୍ରମୁଖ ପ୍ରାଥମିକତା: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୯ ।୧(ସମିସ):** ମହିଳାଙ୍କ ସୁରକ୍ଷା ମୋ ସରକାରର ଏକ ପ୍ରମୁଖ ପ୍ରାଥମିକତା। ପୁଲିସ ଏକ ସମ୍ବେଦନଶୀଳ ଏବଂ ସହାନଭୂତିଶୀଳ ଉପାୟ ଅବଲମ୍ବନ କରି ପୀଡ଼ିତଙ୍କ ମଧ୍ୟରେ ଆତ୍ମବିଶ୍ୱାସ ସୃଷ୍ଟି

**ଏକୀକୃତ କମାଣ୍ଡ, ନିୟନ୍ତ୍ରଣ କକ୍ଷ ଓ ଇ-ଆବେଦନ ଆପ୍‌ର ଶୁଭାରମ୍ଭ**

କରିବା ଦିଗରେ କାର୍ଯ୍ୟ କରିବା ଆବଶ୍ୟକ ବୋଲି କମିଶନରେଟ ପୁଲିସର ୧୬ତମ ସ୍ଥାପନ ଦିବସ ଅବସରରେ ପରାମର୍ଶ ଦେଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକୀକୃତ କମାଣ୍ଡ ଏବଂ ନିୟନ୍ତ୍ରଣ କକ୍ଷ ଓ ଇ-ଆବେଦନ ଆପ୍‌ର ଶୁଭାରମ୍ଭ କରିଛନ୍ତି। ଏହା ପୁଲିସ ସଂଗଠନକୁ ଅଧିକ ମଜବୁତ୍ କରିବା ସହ ଲୋକଙ୍କ ସହ ଅଧିକ ବନ୍ଧୁତ୍ୱପୂର୍ଣ୍ଣ ସମ୍ପର୍କ ବୃଦ୍ଧିରେ ଦିଗରେ



ପୁଲିସ ପାଇଁ ସହାୟକ ହେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ୧୬ ବର୍ଷର ଗୌରବମୟ ଯାତ୍ରାରେ କମିଶନରେଟ ପୁଲିସର ବ୍ୟାପକ ବିକାଶ ହୋଇଛି। ବର୍ତ୍ତମାନ କମିଶନରେଟ ପୁଲିସ ଅଧିନରେ ମୋଟ ୫୨ଟି ଥାନା କାର୍ଯ୍ୟ କରୁଛି। ମୁଁ ସର୍ବଦା ଜନକୈନ୍ଦ୍ରିକ ଏବଂ ନାଗରିକ ଅନୁକୂଳ ପୁଲିସିଂ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଆସିଛି। ବିଗତ କିଛି ବର୍ଷ ମଧ୍ୟରେ କନମିଶନରେଟ ପୁଲିସ ବସ୍ତି ବାସିନ୍ଦା, ବରିଷ୍ଠ ନାଗରିକ ତଥା ଛୋଟ ପିଲାଙ୍କ ସହ ସମାଜର ବିଭିନ୍ନ ଦୁର୍ବଳ ବର୍ଗଙ୍କ ସହ ଯୋଡ଼ିହେବା ପାଇଁ ବିଭିନ୍ନ ଅଭିଯାନ ଚଳାଇଛି। ସେହିପରି ଶୈକ୍ଷିକ ଅନୁଷ୍ଠାନମାନଙ୍କରେ ସାଇବର ଅପରାଧ ସମ୍ପର୍କିତ ସଚେତନତା ବୃଦ୍ଧିରେ ମଧ୍ୟ ପୁଲିସ ବ୍ୟାପକ ପଦକ୍ଷେପ ଗ୍ରହଣ କରିଛି। ଗତବର୍ଷ ଦୋଷୀ ସାବ୍ୟସ୍ତ ହାରରେ ଉଲ୍ଲେଖନୀୟ ବୃଦ୍ଧି ହାସଲ କରିବାରେ କମିଶନରେଟ ପୁଲିସ ଉତ୍କୃଷ୍ଟ କାର୍ଯ୍ୟ କରିଛି ବୋଲି ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ'୫-ଟି'ର କାର୍ଯ୍ୟକାରିତା ନେଇ ଜନସାଧାରଣଙ୍କ ମତାମତ ଉପରେ ମଧ୍ୟ ମୁଖ୍ୟମନ୍ତ୍ରୀ ନିଜ ବକ୍ତବ୍ୟରେ ସନ୍ତୋଷ ବ୍ୟକ୍ତ କରିଛନ୍ତି। ଯଦି ପୁଲିସ ଷ୍ଟେସନକୁ ଆଗନ୍ତୁକଙ୍କ ଅନୁଭବରେ ଆହୁରି ଉନ୍ନତି ଆସିବ ଅର୍ଥାତ୍ ସେମାନଙ୍କୁ ଯଦି ଆହୁରି ଉତ୍କୃଷ୍ଟ ସେବା ମିଳିବ ତାହେଲେ ମୁଁ ଅଧିକ ଖୁସି ହେବି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୁଲିସିଂ ବ୍ୟବସ୍ଥାକୁ ଅଧିକ ପ୍ରଭାବଶାଳୀ କରିବା ପାଇଁ ଅଧିକ ବୈଷୟିକ ଜ୍ଞାନକୌଶଳ ବ୍ୟବହାର ଦିଗରେ ମଧ୍ୟ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି।

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ୮ ଦିନ

# ୧୮ରୁ ସମଙ୍ଗ, ଶ୍ରୀଦାଣ୍ଡ ଦେଇ ଆସିବେ ଭକ୍ତ

**ପୁରୀ, ୯।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣକୁ ଆଉ ୮ ଦିନ ବାକି ରହିଲା। ୧୨ରୁ ଯଜ୍ଞ ପ୍ରକ୍ରିୟା ଆରମ୍ଭ ହୋଇଯିବ। ତେଣୁ ୧୧ ତାରିଖ ସୁଦ୍ଧା ପ୍ରକଳ୍ପ ଲୋକାର୍ପଣ ପାଇଁ ସମସ୍ତ କାମ ଶେଷ କରାଯିବ। ଏଥିପାଇଁ ସବୁ କାମ ତ୍ୱରାନ୍ୱିତ ଚାଲିଛି ବୋଲି କହିଛନ୍ତି ଜିଲ୍ଲାପାଳ ସମର୍ଥ ବର୍ମା। ମଙ୍ଗଳବାର ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଜିଲ୍ଲାପାଳ ଶ୍ରୀ ବର୍ମା କହିଛନ୍ତି, ପ୍ରାୟ ୯୯ ପ୍ରତିଶତ କାମ ସରିଲାଣି। ଏବେ ବିଭିନ୍ନ ପ୍ରକଳ୍ପର ସଫେଇ କାମ ଚାଲିଛି। ଶ୍ରୀସେତୁ କାମ ସମ୍ପୂର୍ଣ୍ଣ ହୋଇଯାଇଛି। ଆସନ୍ତା ୧୮ ତାରିଖରୁ ହଜାର ହଜାର ଲୋକ ସମଙ୍ଗ ପାର୍କିଂରେ ପହଞ୍ଚିବେ। ସେଠାରୁ ଶ୍ରୀସେତୁ ଏବଂ ଶ୍ରୀଦାଣ୍ଡ ଦେଇ ପରିକ୍ରମା ପ୍ରକଳ୍ପକୁ ଆସିବେ। ମହାପ୍ରଭୁଙ୍କୁ ଦର୍ଶନ ସହ ପରିକ୍ରମା ପ୍ରକଳ୍ପ ବୁଲି ଦେଖିବେ। ସମଙ୍ଗ ପାର୍କିଂରେ ଲୋକମାନଙ୍କ ପାଇଁ ଆବଶ୍ୟକ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଉଛି। ସେହିପରି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ପାଇଁ ପୁରୀ ସହରକୁ ଏକ ଆଧ୍ୟାତ୍ମିକ ରୂପ ଦିଆଯାଇଛି।

## କାର୍ଯ୍ୟ ଅଗ୍ରଗତି ବୁଲି ଦେଖିଲେ ମୁଖ୍ୟ ଶାସନ ସଚିବ



**ପୁରୀ, ୯।୧(ସମିସ):** ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ପାଇଁ ଚାଲିଛି ଭବ୍ୟ ଆୟୋଜନ। ଦେଶର ପ୍ରମୁଖ ମନ୍ଦିରର କର୍ମକର୍ତ୍ତାଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ନିମନ୍ତ୍ରିତ ଅତିଥି ଭାବେ ଯୋଗଦେବେ। ଏଥିପାଇଁ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ମଙ୍ଗଳବାର ପୁରୀ ଆସି ପ୍ରଶାସନିକ ପ୍ରସ୍ତୁତି ଏବଂ ପରିକ୍ରମା ପ୍ରକଳ୍ପ କାମର ସମୀକ୍ଷା କରିଛନ୍ତି। ଏଥିସହ ନିର୍ମାଣାଧୀନ ଶ୍ରୀଦାଣ୍ଡ ଓ ଜଗନ୍ନାଥବଲ୍ଲଭ ପିଲିଗ୍ରୀମ ସେଣ୍ଟର (ଜେବିପିସି) ବୁଲି ଦେଖିଛନ୍ତି। ତାଙ୍କ ସହିତ ଜିଲ୍ଲାପାଳ ସମର୍ଥ ବର୍ମା, ଉପଜିଲ୍ଲାପାଳ ଭବତାରଣ ସାହୁ ଏବଂ ନିର୍ମାଣକାରୀ ସଂସ୍ଥା ଓବିସିସିର ଅଧିକାରୀ ଥିଲେ। ଯଜ୍ଞମଣ୍ଡପ ଏବଂ ଅତିଥିମାନଙ୍କ ବସିବା ପାଇଁ ପ୍ରସ୍ତୁତ ହେଉଥିବା ଶେଡ୍ କାମ ଦେଖିଥିଲେ। ଏହାପରେ ମୁଖ୍ୟ ଶାସନ ସଚିବ ଜେବିପିସିରୁ ଦୋଳବେଦୀକୁ ସଂଯୋଗ ପାଇଁ ତିଆରି ଚାଲିଥିବା ନୂଆ ରାସ୍ତା 'ଶ୍ରୀଦାଣ୍ଡ' କାମ କେଉଁ ସ୍ଥିତିରେ ଅଛି ତାହା ନିଜେ ଅନୁଧ୍ୟାନ କରିଥିଲେ।

■ ହାଇକୋର୍ଟରେ ଡଙ୍ଗା ବୁଡ଼ି ମାମଲା

# ପ୍ରସ୍ତାବିତ ନୀତି ଅନୁଧ୍ୟାନ କରିବେ ଆମିକସ୍‌କ୍ୟୁରୀ ଓ ଆବେଦନକାରୀ

**କଟକ, ୯ ।୧(ସମିସ):** ପ୍ରସ୍ତାବିତ ଓଡ଼ିଶା ଇନ୍‌ଲାଣ୍ଡ ଭେସେଲ ରୁଲ୍-୨୦୨୩ ପାଇଁ ପ୍ରସ୍ତୁତ ହୋଇଥିବା ଚିଠା ନୀତିକୁ ଅନୁଧ୍ୟାନ କରି ପ୍ରସ୍ତାବ କିମ୍ବା ଅଭିଯୋଗ ଉପସ୍ଥାପନ କରିବେ ଆମିକସ୍‌କ୍ୟୁରୀ ଓ ଆବେଦନକାରୀ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ୍ ଏମ୍.ଏସ୍ ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଇନଜୀବୀ ପ୍ରବୀର ଦାସ ଓ ଅନ୍ୟମାନଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କ୍ଷତିପୂରଣ ପ୍ରସଙ୍ଗରେ ପଦକ୍ଷେପ ନିଆଯାଉଛି ବୋଲି ସରକାରୀ ଓକିଲ ଆଜି ହାଇକୋର୍ଟଙ୍କୁ ଅବଗତ କରିଥିଲେ। ଏ ସମ୍ପର୍କରେ ଜବାବ ଦାଖଲ ପାଇଁ ରାଜ୍ୟ ସରକାର ଆଉ ୧୫ଦିନ ସମୟ ନେଇଛନ୍ତି। ଏହି ମର୍ମରେ ପୋର୍ଟ ଆଣ୍ଡ ଇନ୍‌ଲ୍ୟାଣ୍ଡ ୱାଟର୍‌ର ନିର୍ଦ୍ଦେଶକଙ୍କ ପକ୍ଷରୁ ରାଜ୍ୟ ବାଣିଜ୍ୟ ଏବଂ ପରିବହନ ବିଭାଗର ଅତିରିକ୍ତ ସଚିବଙ୍କୁ ଏକ ଚିଠି ଦିଆଯାଇଛି ବୋଲି ମଧ୍ୟ କୁହାଯାଇଥିଲା। ଡଙ୍ଗା ଦୁର୍ଘଟଣାରେ ରାଜ୍ୟରେ କେତେ ମୃତ୍ୟୁ ବରଣ କଲେଣି ଓ ମୃତକଙ୍କୁ କେତେ କ୍ଷତିପୂରଣ ଦିଆଯାଉଛି ସେ ସମ୍ପର୍କରେ ସବିଶେଷ ତଥ୍ୟ ସହ ସତ୍ୟପାଠ ଦେବାକୁ ହାଇକୋର୍ଟ ଗତ ଶୁଣାଣିରେ ନିର୍ଦ୍ଦେଶ ଦେଇଥିଲେ।

■ ସଂଶୟ ଦୂରକଲା ଡିଏନ୍‌ଏ ରିପୋର୍ଟ

# ତୃତୀୟ ମୃତକ ହିଁ ଦିଲୀପ ସାମନ୍ତରାୟ

**ଭୁବନେଶ୍ୱର, ୯ ।୧(ସମିସ):** ହାଇଟେକ୍ ହସ୍ପିଟାଲ ବିସ୍ଫୋରଣ ଘଟଣାରେ ମୃତଦେହକୁ ନେଇ ଲାଗି ରହିଥିବା ଦ୍ୱନ୍ଦ୍ୱ ଦୂର ହୋଇଛି। ଡିଏନ୍‌ଏ ରିପୋର୍ଟ ଆସିବା ପରେ ତୃତୀୟ ମୃତକ ଜଣକ ଦିଲ୍ଲୀପ ସାମନ୍ତରାୟ ବୋଲି ସ୍ପଷ୍ଟ କରିଛି କମିସନରେଟ ପୁଲିସ। ପରିଚୟ ସ୍ପଷ୍ଟ ହେବା ପରେ ଦିଲ୍ଲୀପଙ୍କ ପରିବାରଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି।

**ହାଇଟେକ୍ ମେଡିକାଲ ବିସ୍ଫୋରଣ ଘଟଣା**

ଗତ ୨୯ ତାରିଖ ସନ୍ଧ୍ୟାରେ ହାଇଟେକ୍ ହସ୍ପିଟାଲ ଛାତ ଉପରେ ଏସି ଗ୍ୟାସ୍ ଭର୍ତ୍ତି ବେଳେ ଘଟିଥିବା ବିସ୍ଫୋରଣରେ ଦିଲ୍ଲୀପ ସାମନ୍ତରାୟ, ସୀମାଞ୍ଚଳ ବିଶ୍ୱାଳ, ଜ୍ୟୋତିରଞ୍ଜନ ମଲ୍ଲିକ ଓ ଶ୍ରୀତମ ସାହୁ ଗୁରୁତର ଆହତ ହୋଇଥିଲେ। ପ୍ରଥମେ ଚିକିତ୍ସାଧୀନ ଜ୍ୟୋତିରଞ୍ଜନ ପ୍ରାଣ ହରାଇଥିଲେ। ମାତ୍ର ଡାକ୍ତରଖାନା ପକ୍ଷରୁ ମୃତକଙ୍କୁ ଦିଲିପ ବୋଲି ଚିହ୍ନଟ କରାଯାଇ ମରଶରୀରକୁ ଦିଲିପଙ୍କ ପରିବାରକୁ ପ୍ରଦାନ କରାଯାଇଥିଲା। ପରିବାର ଲୋକମାନେ ଶବସତ୍କାର କରିଥିଲେ ଓ ପତିଙ୍କ ମୃତ୍ୟୁରେ ମ୍ରିୟମାଣ ଗର୍ଭବତୀ ପତ୍ନୀ ସୌମ୍ୟାଶ୍ରୀ ସାମନ୍ତରାୟ ଆତ୍ମହତ୍ୟା କରିଥିଲେ। ମାତ୍ର ପରବର୍ତ୍ତୀ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଥିବା ଅନ୍ୟଜଣେ ବ୍ୟକ୍ତି ଭେଣ୍ଟିଲେଟରରୁ ବାହାରିବା ପରେ ନିଜକୁ ଦିଲ୍ଲୀପ ବୋଲି ପରିଚୟ ଦେବା ପରେ ସୃଷ୍ଟି ହୋଇଥିଲା ଦ୍ୱନ୍ଦ୍ୱ। ମାତ୍ର ସମ୍ପୃକ୍ତ ବ୍ୟକ୍ତି ଏହାର ପରଦିନ ମୃତ୍ୟୁବରଣ କରିବା ପରେ ଏହାକୁ ନେଇ ଦ୍ୱନ୍ଦ ଦେଖା ଦେଖାଯିବା ସହ ହସ୍ପିଟାଲ ଲାଗି ଅଡୁଆ ବଢ଼ିଥିଲା।

ମୃତଦେହଟି ଦିଲ୍ଲୀପ ନା ଜ୍ୟୋତିରଞ୍ଜନଙ୍କ ପରିବାରକୁ ହସ୍ତାନ୍ତର କରାଯିବ ତାକୁ ନେଇ ପୁଲିସ ଦ୍ୱନ୍ଦ୍ୱରେ ପଡ଼ିଥିଲା। ଏଥିଲାଗି ମୃତଦେହକୁ ଏମ୍‌ସ୍‌କୁ ସ୍ଥାନାନ୍ତରିତ କରାଯାଇ ବ୍ୟବଚ୍ଛେଦ କରାଯାଇଥିଲା। ମୃତଦେହ ଚିହ୍ନଟ ଲାଗି ଦିଲ୍ଲୀପଙ୍କ ମା' ଓ ଜ୍ୟୋତିରଞ୍ଜନଙ୍କ ବାପା ଓ ମା'ଙ୍କ ଠାରୁ ରକ୍ତ ନମୁନା ସଂଗ୍ରହ କରାଯାଇଥିଲା। ୩ଜଣଙ୍କ ରକ୍ତନମୁନା ସହିତ ଦିଲ୍ଲୀପଙ୍କ ଶରୀରର ଡିଏନ୍‌ଏ ନମୁନା ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର ପରୀକ୍ଷା ଲାଗି ପଠାଯାଇଥିଲା। ମଙ୍ଗଳବାର ରାଜ୍ୟ ଅପରାଧ ବିଧି ବିଜ୍ଞାନଗାର ପକ୍ଷରୁ ପୁଲିସକୁ ଡିଏନ୍‌ଏ ରିପୋର୍ଟ ହସ୍ତାନ୍ତର କରାଯାଇଥିଲା। ଡିଏନ୍‌ଏ ରିପୋର୍ଟ ପାଇବା ପରେ ପୁଲିସ ଡାକ୍ତରଙ୍କ ମତାମତ ନେଇଥିଲା। ଡାକ୍ତରଙ୍କ ମତାମତ ପରେ ମୃତଦେହଟି ଦିଲୀପଙ୍କର ବୋଲି ସ୍ପଷ୍ଟ ହୋଇଥିଲା।

## ବିଦ୍ୟାଳୟରେ ମନଇଚ୍ଛା ପ୍ରତିମୂର୍ତ୍ତି ସ୍ଥାପନ ମାମଲାରେ ପୂର୍ଣ୍ଣଚ୍ଛେଦ

**କଟକ, ୯।୧(ସମିସ):** ସରକାରୀ ବିଦ୍ୟାଳୟଗୁଡ଼ିକରେ ମନଇଚ୍ଛା ପ୍ରତିମୂର୍ତ୍ତି ସ୍ଥାପନ ହେଉଥିବାବେଳେ ଏଥିପାଇଁ ଅନୁମତି ଦିଆଯିବା ବ୍ୟବସ୍ଥା ସଂକ୍ରାନ୍ତରେ ସ୍ୱତନ୍ତ୍ର ନୀତି (ପଲିସି) ପ୍ରଣୟନ କରାଯାଇଥିବା ଏକ ମାମଲାର ଶୁଣାଣି ବେଳେ ସ୍ପଷ୍ଟ ହୋଇଥିଲା। ଏହି ସଂକ୍ରାନ୍ତରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ହାଇକୋର୍ଟଙ୍କୁ ଅବଗତ କରାଯାଇଥିଲା। ବିଦ୍ୟାଳୟ ଗୁଡ଼ିକରେ ରାଜ୍ୟର ଭାଷା ସାହିତ୍ୟକୁ ଅବଦାନ ଥିବା ବ୍ୟକ୍ତିବିଶେଷ, ରାଜ୍ୟ ତଥା ରାଷ୍ଟ୍ର ଗଠନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ମହାପୁରୁଷଙ୍କ ପ୍ରତିମୂର୍ତ୍ତି କେବଳ ସ୍ଥାପନ କରାଯାଇପାରିବ। ବହୁ ପୂର୍ବରୁ ବିଭାଗ ପକ୍ଷରୁ ମଧ୍ୟ ସର୍କୁଲାର ଜାରି ହୋଇସାରିଥିବାରୁ ହାଇକୋର୍ଟ ଏହି ମାମଲାର ଅନ୍ତ ଘଟାଇଛନ୍ତି। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୌତମବୁଦ୍ଧ ସିଂହଙ୍କ ଆବେଦନର ଶୁଣାଣି କରି ଏହି ନିର୍ଦ୍ଦେଶ ଦେଇଛନ୍ତି। ପ୍ରକାଶ ଯେ ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ାର ରାମଚନ୍ଦ୍ର ହାଇସ୍କୁଲ ପରିସରରେ ପୂର୍ବରୁ ୬ଜଣ ମହାନ ବ୍ୟକ୍ତିବିଶେଷଙ୍କ ପ୍ରତିମୂର୍ତ୍ତି ସ୍ଥାପନ ହୋଇଥିଲା। ପୁଣି ରାଜା ହରିହର ସିଂହ ମର୍ଦ୍ଦରାଜଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ବିନା ଅନୁମତିରେ ହେବା ନେଇ ବିବାଦ ହାଇକୋର୍ଟରେ ପହଞ୍ଚିଥିଲା। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗକୁ ସ୍କୁଲ ପରିସରରେ କାହାର ପ୍ରତିମୂର୍ତ୍ତି ସ୍ଥାପନ ହେବ, କେତେଗୋଟି ସ୍ଥାପନ ହୋଇପାରିବ ଏହାକୁ କିଏ ଅନୁମତି ଦେବ ସେ ନେଇ ସ୍ୱତନ୍ତ୍ର ନୀତି ପ୍ରଣୟନ ଉପରେ ହାଇକୋର୍ଟ ଗୁରୁତ୍ୱାରୋପ କରିଥିଲେ। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ଡ. ବିଶ୍ୱରଞ୍ଜନ ମହାନ୍ତି ପିସିସି ଗଣମାଧ୍ୟମ ବିଭାଗ ମୁଖ୍ୟ



**ଭୁବନେଶ୍ୱର, ୯ ।୧(ସମିସ):** କଂଗ୍ରେସର ବରିଷ୍ଠ ନେତା ଡ. ବିଶ୍ୱରଞ୍ଜନ ମହାନ୍ତି ରାଜ୍ୟ କଂଗ୍ରେସର ଗଣମାଧ୍ୟମ ବିଭାଗ ଅଧ୍ୟକ୍ଷ ନିଯୁକ୍ତ ହୋଇଛନ୍ତି। ରାଜ୍ୟ କଂଗ୍ରେସ ପ୍ରଭାରୀ ଡ. ଅଜୟ କୁମାର ଡ. ମହାନ୍ତିଙ୍କୁ ଏହି ଦାୟିତ୍ୱ ପ୍ରଦାନ କରିଛନ୍ତି। ଡ. ମହାନ୍ତି ଗୁଜୁରାଟର କଂଗ୍ରେସ ସହପ୍ରଭାରୀ ଭାବେ କାର୍ଯ୍ୟ କରିସାରିଛନ୍ତି। ଜଣେ ଯୁବ ଓ ଅନୁଭବୀ ଚେହେରା ଭାବେ ବିଶ୍ୱରଞ୍ଜନ ରାଜ୍ୟ କଂଗ୍ରେସରେ ଜଣାଶୁଣା। ତାଙ୍କୁ ନୂଆ ଦାୟିତ୍ୱ ଦେଇ ରାଜ୍ୟ କଂଗ୍ରେସ ଗଣମାଧ୍ୟମରେ ଦଳର ଆଭିମୁଖ୍ୟକୁ ସ୍ପଷ୍ଟ ଓ ପ୍ରଭାବୀ କରିବା କରିବା ପାଇଁ ଦଳ ଯୋଜନା କରିଛି। ବିଶ୍ୱରଞ୍ଜନଙ୍କ ପୂର୍ବରୁ ରାଜ୍ୟ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା ଏହି ଦାୟିତ୍ୱରେ ରହିଥିଲେ। ତାଙ୍କୁ ଏହି ଦାୟିତ୍ୱରୁ ଅବ୍ୟାହତି ଦିଆଯାଇଛି।

■ ହସ୍‌ପିଟାଲଗୁଡ଼ିକର ଅଗ୍ନି ନିରାପତ୍ତା ଯାଞ୍ଚ ପ୍ରସଙ୍ଗ

# ସତ୍ୟପାଠ ଦାଖଲ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୯।୧(ସମିସ):** ରାଜ୍ୟର ସମସ୍ତ ଘରୋଇ ଚିକିତ୍ସା ପ୍ରତିଷ୍ଠାନ ତଥା ହସ୍‌ପିଟାଲ, ନର୍ସିଂହୋମ୍, କ୍ଲିନିକ୍ ସମେତ ବିଭିନ୍ନ ସରକାରୀ ମେଡିକାଲଗୁଡ଼ିକର ଫାୟାର ସେଫ୍ଟି ଅଡିଟ୍ (ଅଗ୍ନି ନିରାପତ୍ତା ଯାଞ୍ଚ) ସଠିକ ଢଙ୍ଗରେ ହେଉନଥିବା ପ୍ରସଙ୍ଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଉପରୋକ୍ତ ପ୍ରସଙ୍ଗରେ ସାନି ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ରେ ଆଇନଜୀବୀ ଶିବଶଙ୍କର ମହାନ୍ତିଙ୍କ ପକ୍ଷରୁ ରୁଜୁ ମାମଲାର ଶୁଣାଣି କରି କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ବିଦ୍ୟୁତ ରଞ୍ଜନ ଷଡ଼ଙ୍ଗୀ ଓ ଜଷ୍ଟିସ ଏମ୍.ଏସ୍. ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ଏପରି ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟପଟରେ ଆଜି ଆବେଦନକାରୀଙ୍କ ପକ୍ଷରୁ ମଧ୍ୟ ଏକ ସତ୍ୟପାଠ ଦାଖଲ ହୋଇଥିଲା। ଚିକିତ୍ସା ପ୍ରତିଷ୍ଠାନ ଗୁଡ଼ିକରେ ଉପଯୁକ୍ତ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଉପଲବ୍ଧ କରିବା ଓ ଓଡ଼ିଶା ଅଗ୍ନି ନିରାପତ୍ତା ଅଧିନିୟମ-୧୯୯୩କୁ ଘରୋଇ ହସ୍‌ପିଟାଲଗୁଡ଼ିକ କ୍ଷେତ୍ରରେ କଡ଼ାକଡ଼ି ଭାବେ କାର୍ଯ୍ୟକାରୀ କରିବା ପାଇଁ ଆବେଦନରେ ଉଲ୍ଲେଖ ରହିଥିଲା। ପରବର୍ତ୍ତୀ ସମୟରେ ଅଧିନିୟମ ଅନେକ ଥର ସଂଶୋଧିତ ହୋଇଛି। ରାଜ୍ୟରେ ମଧ୍ୟ ଏକ ହସ୍‌ପିଟାଲରେ ଅଗ୍ନିକାଣ୍ଡ ଘଟିବା ପରେ ଗତ ୨୦୨୨ ମେ ୧୪ରେ ଅଗ୍ନିଶମ ଡିଜିଙ୍କ ପକ୍ଷରୁ ଓଡ଼ିଶା ଅଗ୍ନି ନିରାପତ୍ତା ସଂଶୋଧିତ ଅଧିନିୟମ-୨୦୧୯କୁ କଡ଼ାକଡ଼ି କାର୍ଯ୍ୟକାରୀ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ଏହି ଅନୁସାରେ ୧୨ମିଟର ଉଚ୍ଚ ବା ତିନି ମହଲା ବିଶିଷ୍ଟ ଚିକିତ୍ସା ପ୍ରତିଷ୍ଠାନର ଯାଞ୍ଚ ସହ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ହସ୍‌ପିଟାଲଗୁଡ଼ିକରେ ଫାୟାର ସେଫ୍ଟି ଅଡିଟ୍ କେତେଦୂର କରାଯାଇଛି ସେ ନେଇ ଖଣ୍ଡପୀଠ ରିପୋର୍ଟ ତଲବ କରିଛନ୍ତି। ମାମଲାରେ ରାଜ୍ୟ ସରକାର, ଗୃହ ସଚିବ, ଅଗ୍ନିଶମ ଡିଜି ଓ ଡିଏମ୍‌ଇଟିଙ୍କୁ ପକ୍ଷଭୁକ୍ତ କରାଯାଇଛି।

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱ ବାଳକୃଷ୍ଣ ବେରଦଲେଇ
ଅମଲାଭଟ୍ଟା, କେନ୍ଦୁପୁର
ଆବିର୍ଭାବ: ୧୮.୦୪.୧୯୬୫
ତିରୋଧାନ: ୧୦.୦୧.୨୦୦୯

ଆପଣଙ୍କ ଅନାବିଳ ସ୍ନେହ, ଶ୍ରଦ୍ଧା, ଆଦର୍ଶ ଓ ଉଜ୍ଜ୍ୱଳ ଚିନ୍ତାଧାରା ଆମ୍ଭ ମାନଙ୍କ ହୃଦୟର ଅନ୍ତରରେ ଚିର ସ୍ମରଣୀୟ ହୋଇ ରହିବ। ଆପଣଙ୍କ କୃପା ଆଶିଷ ଆମ୍ଭ ଉପରେ ସଦେବ ରହିଥାଉ। ଆପଣଙ୍କ ଅମର ଆତ୍ମାର ସଦଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ବିନମ୍ର ପ୍ରାର୍ଥନା।

ଶୋକସନ୍ତପ୍ତ ପରିବାର
ପତ୍ନୀ- ବିନୋଦିନୀ ବେରଦଳେଇ,
ପୁତ୍ର- ସନ୍ଦୀପ ଦଳେଇ, ଝିଅ - ଇପସିତା ଦଳେଇ, ଜ୍ୱାଇଁ - ନବୀନ ରାଜୁ

# କଂଗ୍ରେସ ଟିକଟକୁ ନେଇ ତାରା-ଶରତଙ୍କ ଭିନ୍ନ ମତ

**ଭୁବନେଶ୍ୱର, ୯ ।୧(ସମିସ):** ରାଜ୍ୟ କଂଗ୍ରେସର ୬୦ ଟି ବିଧାନସଭା ଆସନ ପାଇଁ ଟିକଟ ଚୂଡ଼ାନ୍ତ ହୋଇ ସାରିଛି। ଫେବୃଆରୀ ମାସ ବେଳକୁ ସେମାନଙ୍କ ନାମ ଘୋଷଣା କରାଯିବ। ଏହାଦ୍ୱାରା ସେମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ମୈଦାନକୁ ଓହ୍ଲାଇବେ। ମଙ୍ଗଳବାର ଗଣମାଧ୍ୟମ ଆଗରେ ଜୟପୁର ବିଧାୟକ ତଥା କଂଗ୍ରେସର ବରିଷ୍ଠ ନେତା ତାରାପ୍ରସାଦ ବାହିନୀପତି ଟିପ୍ପଣୀ ଦେଇଥିବାବେଳେ ପିସିସି ସଭାପତି ଶରତ ପଟ୍ଟନାୟକ ଏହାକୁ ଅସ୍ୱୀକାର କରିଛନ୍ତି।

ତାରା କହିଛନ୍ତି ଯେ ପ୍ରଚଳିତ ବ୍ୟବସ୍ଥା ଅନୁଯାୟୀ ବର୍ତ୍ତମାନର ସମସ୍ତ ୯ ବିଧାୟକ ପୁଣି ଥରେ କଂଗ୍ରେସ ଟିକଟ ପାଇବେ। ଏହାସହିତ ଗତ ନିର୍ବାଚନରେ ଯେଉଁମାନେ କମ୍ ଭୋଟ୍ ବ୍ୟବଧାନରେ ହାରିଥିଲେ ଓ ଦ୍ୱିତୀୟସ୍ଥାନରେ ଥିଲେ ସେମାନଙ୍କୁ ମଧ୍ୟ କଂଗ୍ରେସ ଟିକଟ ପ୍ରଦାନ କରାଯିବ। ଆସନ୍ତା ନିର୍ବାଚନରେ କିପରି କଂଗ୍ରେସ ଏକ ହୋଇ ଲଢ଼ିବ ଓ ବିଜୟୀ ହେବ ତାକୁ ଗୁରୁତ୍ୱ

**■ ୬୦ ଟିକଟ ଫାଇନାଲ ହୋଇଛି: ତାରା**
**■ ଦିଲ୍ଲୀ ଯାଇଛି ନାଁ, ହୋଇନାହିଁ ଚୂଡ଼ାନ୍ତ: ଶରତ**

ଦିଆଯିବ। ଗୋଟିଏ ବସ୍‌ରେ କଂଗ୍ରେସ ନେତା ସବୁ ଜିଲ୍ଲା ଗସ୍ତ କରିବେ ବୋଲି ଶ୍ରୀ ବାହିନୀପତି କହିଛନ୍ତି।

ଅନ୍ୟପଟେ ପିସିସି ସଭାପତି ଶରତ ପଟ୍ଟନାୟକ କହିଛନ୍ତି ଯେ କୌଣସି ନିର୍ବାଚନମଣ୍ଡଳୀରେ କାହାରି ନାମ ଚୂଡ଼ାନ୍ତ ହୋଇନାହିଁ। ଜିଲ୍ଲା ସଭାପତିମାନଙ୍କୁ ଆଶାୟୀଙ୍କ ନାମ ତାଲିକା ମଗାଯାଇଛି। ସମସ୍ତେ ୩ରୁ ୪ ଜଣଙ୍କ ନାଁ ଦେଇଛନ୍ତି। ୧୪୭ ଆସନରୁ ତାଲିକା ଆସିଯାଇଛି। ୨୧ଟି ସଂସଦୀୟ କ୍ଷେତ୍ର ଆସନ ପାଇଁ ସର୍ଭେ ଜାରି ରହିଛି। ଖୁବଶୀଘ୍ର ଦିଲ୍ଲୀକୁ ନାଁ ଯିବ ଓ ପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ ବୋଲି ଶରତ କହିଛନ୍ତି।

ନିର୍ବାଚନ ପାଇଁ ରାଜ୍ୟ କଂଗ୍ରେସ ଆଗୁଆ ପ୍ରସ୍ତୁତି କରିବା ପାଇଁ ଯୋଜନା କରିଛି। ଚଳିତ ମାସ ରାହୁଲ ଗାନ୍ଧୀଙ୍କ ଭାରତ ନ୍ୟାୟ ଯାତ୍ରା ଓଡ଼ିଶା ଦେଇ ଯିବ। ରାହୁଲଙ୍କ ଗସ୍ତ ଦ୍ୱାରା ରାଜ୍ୟରେ କଂଗ୍ରେସ କର୍ମୀ ଉତ୍ସାହିତ ହେବେ ଓ ଏହି ଉତ୍ସାହକୁ ଜାରି ରଖିବା ପାଇଁ କଂଗ୍ରେସ ଲଗାତାର କିଛି କିଛି କାର୍ଯ୍ୟକ୍ରମ କରିବ ବୋଲି ନିଷ୍ପତ୍ତି ହୋଇଛି। ଅନ୍ୟପଟେ ରାଜ୍ୟ ପାଇଁ ନୂଆ ପ୍ରଭାରୀ ଆସିବା ପରେ ଦଳରେ ଏବେ ନୂଆ ଉତ୍ସାହ ସୃଷ୍ଟି ହୋଇଛି। ନେତାମାନଙ୍କୁ ପ୍ରଭାରୀ ନିର୍ବାଚନମଣ୍ଡଳୀ ମୁହାଁ ହେବାକୁ କହିବା ସହ ନିଜେ ବିଭିନ୍ନ ପ୍ରସଙ୍ଗରେ ପ୍ରତ୍ୟକ୍ଷ ସମୀକ୍ଷା କରୁଛନ୍ତି। ଅଧିକରୁ ଅଧିକ ସମୟ ସେ ଓଡ଼ିଶାରେ ରହି ଭୁଶୁଡ଼ି ପଡ଼ିଥିବା କଂଗ୍ରେସ ସଂଗଠନକୁ ମଜଭୁତ କରିବା ପାଇଁ ଅଣ୍ଟା ଭିଡ଼ିଛନ୍ତି। ତେବେ ଯେଉଁ ବିଧାନସଭା ଆସନରେ କଂଗ୍ରେସ ଅଳ୍ପ ଭୋଟ ବ୍ୟବଧାନରେ ହାରିଥିଲା, ସେହି ଆସନଗୁଡ଼ିକରେ ଆଗୁଆ ଟିକେଟ ଦିଆଯିବ ବୋଲି ପୂର୍ବରୁ କଂଗ୍ରେସ ସଙ୍କେତ ଦେଇ ଆସୁଥିବାରୁ ତାରାଙ୍କ ଏହି ବୟାନ ରାଜ୍ୟ କଂଗ୍ରେସ ନେତୃତ୍ୱଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି।

ADMISSION IS GOING ON
GAYATRI SCHOOL & COLLEGE OF NURSING
Under Gayatri Charitable Trust, Baripada
For the Course : ANM, GNM & B.Sc. Nursing
B.Sc. Nursing
Eligibility: +2 Science with Biology (PCB)
ANM & GNM
(Eligibility: +2 in any stream with minimum 40% marks for ST & SC Students & Minimum 45% marks for General category
Facilities: 1) Stipend for ST & SC students, 2) Separate Hostel for Boys & Girls, 3) A.C. Class Room & AC Lab, 4) Highly Qualified & Experience Faculties, 5) 100% Job security for our Pass out Students, 6) Scholarship for the students secured more than 80% Marks.
Contact
Sd/- Secretary
9438477846/9438160121/9337006245

## ସାଧାରଣତନ୍ତ୍ର ଦିବସ ପ୍ରସ୍ତୁତି ବୈଠକ

ଆଠଗଡ଼, ୯।୧(ସମିସ): ଆଠଗଡ ଉପଖଣ୍ଡରେ ପଞ୍ଚାୟତ ସମିତି କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଉପଜିଲ୍ଲାପାଳ ପ୍ରଶାନ୍ତ ତରାଇଙ୍କ ଅଧ୍ୟକ୍ଷତାରେ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାଧାରଣତନ୍ତ୍ର ଦିବସରେ ହେବାକୁ ଥିବା ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ସବିଶେଷ ଆଲୋଚନା ହେବା ସହ ସାଧାରଣତନ୍ତ୍ର ଦିବସ ଦିନ ପ୍ରାତଃ ୫ ଘଟିକା ସମୟରୁ ସହରରେ ଡାକବାଜି ଯନ୍ତ୍ର ଦ୍ୱାରା ରାମଧୂନ ପ୍ରଚାର କରାଯିବ। ଏହାପରେ ପ୍ରଭାତଫେରୀ, ବରପୁତ୍ରଙ୍କୁ ମାଲ୍ୟାର୍ପଣ ପରେ ସକାଳ ସାଢ଼େ ଆଠଟା ସମୟରେ ଆଠଗଡ ଷ୍ଟାଡିୟମରେ ଉପଜିଲ୍ଲାପାଳଙ୍କ ଦ୍ୱାରା ଜାତୀୟ ପତାକା ଉତ୍ତୋଳନ କରାଯିବା ସହ ସମ୍ମିଳିତ ପ୍ୟାରେଡ ଅନୁଷ୍ଠିତ ହେବ। ଏଥି ସହିତ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଦେବା ସହିତ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ। ଆଜିର ବୈଠକରେ ଉପଖଣ୍ଡ ଆରକ୍ଷୀ ଅଧିକାରୀ ରବୀନ୍ଦ୍ର ମଲ୍ଲିକ, ତହସିଲଦାର କ୍ଷେତ୍ରମୋହନ ସ୍ୱାଇଁ, ଅଗ୍ନିଶମ ଅଧିକାରୀ ସଂଗ୍ରାମ ହାଁସଦାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, ସାମ୍ବାଦିକ, ବରିଷ୍ଠ ନାଗରିକମାନେ ଉପସ୍ଥିତ ଥିଲେ। ଭାରପ୍ରାପ୍ତ ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅମ୍ଳାନ ଦାସ ବୈଠକ ପରିଚାଳନା କରିଥିଲେ।

## ଓଏଭି ପ୍ରବେଶିକା ପରୀକ୍ଷା ଦେଲେ ୬୨୧ ବିଦ୍ୟାର୍ଥୀ

ନିଶ୍ଚିନ୍ତକୋଇଲି, ୯।୧(ସମିସ): ରାଜ୍ୟ ସରକାରଙ୍କ ଇଂରାଜୀ ମାଧ୍ୟମ ଆଦର୍ଶ ବିଦ୍ୟାଳୟ ପ୍ରବେଶିକା ପରୀକ୍ଷା ମଙ୍ଗଳବାର ଅନୁଷ୍ଠିତ ହୋଇଛି। ୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଷଷ୍ଠ ଶ୍ରେଣୀରେ ନାମ ଲେଖାଇବା ନିମନ୍ତେ ୬୨୧ ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଦେଇଥିବା ବେଳେ ୨୫ ଜଣ ଅନୁପସ୍ଥିତ ଥିବା ଜଣାଯାଇଛି। ଏହି ପରୀକ୍ଷା ପାଇଁ ମୋଟ୍ ୩ଟି ପରୀକ୍ଷା କେନ୍ଦ୍ର କରାଯାଇଥିଲା। ନିଶ୍ଚିନ୍ତକୋଇଲି ଅହମ୍ମଦବକ୍ସ ସରକାର ଉଚ୍ଚବିଦ୍ୟାଳୟରେ ୧୮୧ ଜଣ ପରୀକ୍ଷା ଦେଇଥିଲା ବେଳେ ୧୩ଜଣ ଅନୁପସ୍ଥିତ ରହିଥିଲେ। ଖଣ୍ଡସାହି ସ୍ଥିତ ଜଗନ୍ନାଥ ବିଦ୍ୟାପୀଠରେ ୨୪୫ଜଣ ପରୀକ୍ଷା ଦେଇଥିଲା ବେଳେ ୭ଜଣ ଅନୁପସ୍ଥିତ ଥିଲେ। ସେହିପରି ଅସୁରେଶ୍ୱର ସରକାରୀ ବିଦ୍ୟାଳୟରେ ୧୯୫ ଜଣ ପରୀକ୍ଷା ଦେଇଥିଲାବେଳେ ୫ ଜଣ ଅନୁପସ୍ଥିତ ଥିଲେ। ନବମ ଶ୍ରେଣୀରେ ନାମ ଲେଖାଇବା ପାଇଁ ୬ ଜଣ ପରୀକ୍ଷାର୍ଥୀ ଆଡମିଟ କାର୍ଡ ଗ୍ରହଣ କରିଥିଲା ବେଳେ ୪ଜଣ ପରୀକ୍ଷା ଦେଇଥିଲେ ୨ଜଣ ଅନୁପସ୍ଥତ ରହିଥିଲେ। ମଣ୍ଡଳ ଶିକ୍ଷାଧିକାରୀ ଲକ୍ଷେହୀରା ଲାବଣ୍ୟବତୀ ବେହେରାଙ୍କ ନେତୃତ୍ୱରେ ଅତିରିକ୍ତ ମଣ୍ଡଳ ଶିକ୍ଷାଧିକାରୀ ଏବଂ ସିଆରସିସି ମାନେ ପରୀକ୍ଷା ପରିଚାଳନାରେ ସହଯୋଗ କରିଥିଲେ।

# କଟକଚଣ୍ଡୀଙ୍କ ଦାନ ଟଙ୍କା ଆତ୍ମସାତ

କଟକ, ୯ ।୧ (ସମିସ):

ଶ୍ରଦ୍ଧାଳୁମାନଙ୍କ ଦ୍ୱାରା ମା' କଟକଚଣ୍ଡୀ ମନ୍ଦିରକୁ ମାସିକ ଲକ୍ଷାଧିକ ଟଙ୍କା ଦାନ ସୂତ୍ରରେ ମିଳୁଛି। ଏତଦ୍‌ବ୍ୟତୀତ ଗାଡ଼ି ପୂଜା ଓ ଅନ୍ୟାନ୍ୟ ପୂଜା ବାବଦରେ ମଧ୍ୟ ଶ୍ରଦ୍ଧାଳୁ ଟଙ୍କା ଦେଉଛନ୍ତି। ଏ ସବୁ ଟଙ୍କା ମନ୍ଦିର ପରିଚାଳନା ଏବଂ ବିଭିନ୍ନ ପର୍ବପର୍ବାଣିରେ ଖର୍ଚ୍ଚ କରାଯାଉଛି। ମାତ୍ର ଏହି ଦାନ ଅର୍ଥରୁ ଲକ୍ଷାଧିକ ଟଙ୍କା ଆତ୍ମସାତ କରି ଦେଇଛନ୍ତି ଦୁଇ ଅଧିକାରୀ। ଦାନ ଅର୍ଥ ଆଦାୟ ଦାୟିତ୍ୱରେ ଥିବା ଦୁଇ ଜଣ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀ (ଏଇଓ) ପ୍ରାୟ ୫ ଲକ୍ଷ ଟଙ୍କା ମନ୍ଦିର ପାଣ୍ଠିରେ ଜମା କରିନାହାନ୍ତି। ଏଥିପାଇଁ ମା' କଟକଚଣ୍ଡୀ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମ୍ପୃକ୍ତ ଦୁଇଜଣ ଅଧିକାରୀଙ୍କୁ ଟଙ୍କା ଭରଣା ପାଇଁ ନୋଟିସ୍ ଜାରୀ ହୋଇଛି। ଏପ୍ରିଲ ୧୩ ତାରିଖ ସୁଦ୍ଧା ଯଦି ଅର୍ଥ ଫେରସ୍ତ ନକରନ୍ତି, ତାହେଲେ ଉଭୟଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଦେବୋତ୍ତର ବିଭାଗ ପକ୍ଷରୁ କୁହାଯାଇଛି।

ପ୍ରତ୍ୟେକ ଦିନ ଶତାଧିକ ଶ୍ରଦ୍ଧାଳୁ କଟକ ଚଣ୍ଡୀ ମନ୍ଦିରକୁ ବିଭିନ୍ନ ସାମଗ୍ରୀ ଏବଂ ଅର୍ଥ ଦାନ କରନ୍ତି। ଦାନ ଅର୍ଥ ସଂଗ୍ରହ ପାଇଁ ମନ୍ଦିର ପକ୍ଷରୁ କର୍ମଚାରୀଙ୍କୁ



- ୫ ଲକ୍ଷ ଟଙ୍କାର ହିସାବ ମିଳୁନି
- ଦୁଇ ସହକାରୀ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନୋଟିସ୍
- ଏପ୍ରିଲ ସୁଦ୍ଧା ଟଙ୍କା ଫେରସ୍ତ ନକଲେ କାର୍ଯ୍ୟାନୁଷ୍ଠାନ

ନିୟୋଜିତ କରାଯାଇଛି। ଶ୍ରଦ୍ଧାଳୁଙ୍କ ନିକଟରୁ ଅର୍ଥ ଓ ସାମଗ୍ରୀ ସଂଗ୍ରହ କରି ରସିଦ ପ୍ରଦାନ କରିଥାନ୍ତି। ଏଇଓ ଦାୟିତ୍ୱରେ ଥିବା ସଞ୍ଜୟ କୁମାର ସେନ ଏବଂ କିଶୋର ଚନ୍ଦ୍ର ବାରିକ ଲୋକଙ୍କ ଦାନ ଅର୍ଥକୁ ମନ୍ଦିର ପାଣ୍ଠିରେ ଜମା କରିବା କଥା। ହେଲେ ସେମାନେ ଏହି ଅର୍ଥ ଜମା କରିନଥିଲେ। ମାସିକ ଦାନ ଆଦାୟ ଯାଞ୍ଚ ହେଉଥିବା ବେଳେ ଏଭଳି ହେରଫେର ଘଟଣା ବିଷୟରେ ଜଣାପଡ଼ିଥିଲା। ଯେଉଁଥିପାଇଁ ଟ୍ରଷ୍ଟ ବୋର୍ଡ ପକ୍ଷରୁ ସମସ୍ତ ଆଦାୟ ଅର୍ଥର ହିସାବ ମଗାଯାଇଥିଲା। ରସିଦ୍‌ରେ ଥିବା ଅର୍ଥର ପରିମାଣ ଠାରୁ ପାଣ୍ଠିରେ ଥିବା ଦାନ ଅର୍ଥ କମ୍ ରହିଥିଲା। ଏହି ଯାଞ୍ଚ ସମୟରେ ପ୍ରାୟ ୫ ଲକ୍ଷ ଟଙ୍କାର କୌଣସି ହିସାବ ମିଳିପାରିନଥିଲା। ଏପରିକି ସମ୍ପୃକ୍ତ କର୍ମଚାରୀ ଦ୍ୱୟ ସଠିକ ଭାବେ ହିସାବ ଦେଇପାରିନଥିଲେ। ଏଣୁ ଏଇଓ ସଞ୍ଜୟ କୁମାର ସେନ ୩ ଲକ୍ଷ ୮ହଜାର ୧୮୫ଟଙ୍କା ଏବଂ ଏଇଓ କିଶୋର ଚନ୍ଦ୍ର ବାରିକ ୧ଲକ୍ଷ ୯୦ହଜାର ୯୪୭ ଟଙ୍କା ଦାନ ଅର୍ଥ ଭରଣା କରିବେ ବୋଲି ଟ୍ରଷ୍ଟ ପକ୍ଷରୁ ନୋଟିସ୍ ଜାରି କରାଯାଇଛି। ସେମାନଙ୍କୁ ୬ ମାସ ମହଲତ ଦିଆଯାଇଛି। ଇତି ମଧ୍ୟରେ ୩ମାସ ବିତିଗଲାଣି। ହେଲେ ଆଜି ପର୍ଯ୍ୟନ୍ତ ସମ୍ପୃକ୍ତ ଅଧିକାରୀ ଦ୍ୱୟ କୌଣସି ଅର୍ଥ ଫେରାଇ ନାହାନ୍ତି। ଏବେ ବି ସେମାନଙ୍କୁ ଦାୟିତ୍ୱରେ ରଖାଯାଇଛି।

## କେନ୍ଦ୍ର ରେଳମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ

ଟିଗିରିଆ, ୯ ।୧(ସମିସ): ରବିବାର କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ଆଠଗଡ, ଟିଗିରିଆ, ବଡମ୍ବା ଓ ନରସିଂହପୁର ଗସ୍ତ ସମୟରେ ଟିଗିରିଆ ବ୍ଲକ ପାଞ୍ଚଗାଁ ସ୍ଥିତ ଗ୍ରାମାଞ୍ଚଳ ବହୁମୁଖୀ ସାମାଜିକ ଓ ସାଂସ୍କୃତିକ କେନ୍ଦ୍ର ପକ୍ଷରୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ପୁରୀରୁ ହରିଦ୍ୱାରକୁ ସପ୍ତାହକୁ ୭ ଦିନ ଯାତାୟାତ କରୁଥିବା ଉତ୍କଳ ଏକ୍ସପ୍ରେସ ଟ୍ରେନଟି ସପ୍ତାହ ମଧ୍ୟରୁ ୨ଦିନ ଆଠଗଡ ନିର୍ବାଚନ ମଣ୍ଡଳୀ ଅଧୀନ ଘଣ୍ଟିଖାଲ ରେଳ ଷ୍ଟେସନ ଦେଇ ଯାତ୍ରା କରିବାକୁ ଏହି ଦାବି ପତ୍ରରେ ଉଲ୍ଲେଖ କରାଯାଇଛି। କେନ୍ଦ୍ରର ସଭାପତି ଜଗବନ୍ଧୁ ସାମନ୍ତ ଓ ସଂପାଦକ ସମାଜସେବୀ ସରୋଜ କୁମାର ଦାଶ ଏହି ଦାବିପତ୍ର ପ୍ରଦାନ କରିଥିବା ବେଳେ ଅନୁରୂପ ଭାବେ କଟକ ଜିଲ୍ଲା କୃଷକ ମୋର୍ଚ୍ଚା ସଭାପତି ଆଇନଜୀବୀ ଶଙ୍କର୍ଷଣ ମହାନ୍ତିଙ୍କ ପକ୍ଷରୁ ଜଟଣୀରୁ ବାଙ୍କି, ଆଠଗଡ, ଟିଗିରିଆ, ରାସୋଳ, ହିନ୍ଦୋଳ ଦେଇ ରେଳପଥ ସଂଯୋଗ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି।

## ମୃତ୍ତିକା ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ବାଙ୍କୀ, ୯।୧(ସମିସ): ଡମପଡ଼ା ବ୍ଲକ କୃଷି ବିଭାଗ ପକ୍ଷରୁ ଡମପଡ଼ା ବ୍ଲକ ବାଆଁରା ଠାରେ ମୃତ୍ତିକା ସ୍ୱାସ୍ଥ୍ୟ ଓ ଉର୍ବରତା ସଂପର୍କରେ ମଙ୍ଗଳବାର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମକୁ ବାଙ୍କୀ କୃଷି ଜିଲ୍ଲା ଅଧିକାରୀ ବିଶ୍ୱନାଥ ଦାଶ ଉଦ୍‌ଘାଟନ କରି ମୃତ୍ତିକାର ସ୍ୱାସ୍ଥ୍ୟ ଓ ଉର୍ବରତା ସମ୍ପର୍କରେ ଚାଷୀଭାଇଙ୍କୁ ସଚେତନତା କରାଇଥିଲେ। କାର୍ଯ୍ୟକ୍ରମରେ ସହକାରିଣୀ କୃଷି ଅଧିକାରିଣୀ ଶ୍ରୀମତୀ ପ୍ରପ୍ରିୟା ଯୋଗଦେଇ ମାଟି ମା' ଉର୍ବର ହୋଇପାରିବ ସେ ସମ୍ପର୍କରେ ବୁଝାଇବା ସହ ଚାଷୀମାନେ ଅଧିକ ମାତ୍ରାରେ ଶସ୍ୟ, ପନିପରିବା ଉର୍ବରମାଟିରୁ ଉତ୍ପାଦନ କରି ସ୍ୱାବଲମ୍ବୀ ହୋଇପାରିବେ ସେ ସଂପର୍କରେ ଚାଷୀ ଭାଇଙ୍କୁ ଉଦାହରଣ ଦେଇ ବୁଝାଇଥିଲେ।

## 'ଆମ ମାହାଙ୍ଗା' ଅଧ୍ୟକ୍ଷଙ୍କୁ 'ସରସ୍ୱତୀ କଳାଶ୍ରୀ ସମ୍ମାନ'

ମାହାଙ୍ଗା, ୯।୧(ସମିସ): ଉମାକାନ୍ତ ମଣ୍ଡପ ଠାରେ ସରସ୍ୱତୀ କଳା ପରିଷଦ କନ୍ଦରପୁରର ୨୦ତମ ରାଜ୍ୟସ୍ତରୀୟ ବାର୍ଷିକ ଉତ୍ସବ ପ୍ରତିଭା ମହୋତ୍ସବ



୨୦୨୩ ଅନୁଷ୍ଠାନର ସଭାନେତ୍ରୀ ପ୍ରତିଭା ଶତପଥିଙ୍କ ସଂଯୋଜନା ଓ ସଂପାଦକ ଅଶୋକ ପଟ୍ଟନାୟକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୁନି କୁନି କଳାକାରଙ୍କ ନୃତ୍ୟ, ସଂଗୀତ, ଅଭିନୟ, ଝୋଟି ପକ୍କା, ବକ୍ତୃତା ଆଦି ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ 'ଆମ ମାହାଙ୍ଗା' ଅଧ୍ୟକ୍ଷ ଡଃ ଅମରେନ୍ଦ୍ର ମହାନ୍ତି ଯୋଗଦେଇ ଅନୁଷ୍ଠାନର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି ଅବସରରେ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଅନୁଷ୍ଠାନ ପକ୍ଷରୁ ଶ୍ରୀ ମହାନ୍ତିଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ଦେଇ 'ସରସ୍ୱତୀ କଳାଶ୍ରୀ ସମ୍ମାନ' ରେ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଅନୁଷ୍ଠାନର କୋଷାଧ୍ୟକ୍ଷ ଶ୍ରୀକାନ୍ତ ବେଉରା, ପ୍ରଫୁଲ୍ଲ ଚନ୍ଦ୍ର କର, ବିଜୟରାମ ବେହେରା, ଡଃ କାଳିମୁଲ୍ଲା, ଦୁର୍ଗାପ୍ରସାଦ ପରିଡା, ରଶ୍ମିରଞ୍ଜନ ଶତପଥି, ପ୍ରଶାନ୍ତ ପଣ୍ଡା, ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

### ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶିତ

# ଦୁଇ ପ୍ରତିଶତ ବଢ଼ିଛନ୍ତି ନୂଆ ଭୋଟର

ଆଠଗଡ଼, ୯।୧(ସମିସ):




ଚଳିତ ସାଧାରଣ ନିର୍ବାଚନ ପାଖେଇ ଆସୁଥିବା ବେଳେ ୮୯- ଆଠଗଡ଼ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ଚୂଡାନ୍ତ ଭୋଟର ତାଲିକା ପ୍ରକାଶ ପାଇଛି। ଚଳିତ ବର୍ଷ ନୂତନ ଭୋଟର ଦୁଇ ପ୍ରତିଶତ ବଢ଼ିଥିବା ବେଳେ ପାଖାପାଖି ତିରିଶ ପ୍ରତିଶତ ଭୋଟରଙ୍କ ଆଧାର ଲିଙ୍କ ହୋଇ ନ ଥିବା ଜଣାପଡିଛି। ଚଳିତ ଚୂଡାନ୍ତ ଭୋଟର ତାଲିକା ଅନୁସାରେ ୮୯- ଆଠଗଡ଼ ଟିଗିରିଆ ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ସମୁଦାୟ ଭୋଟର ସଂଖ୍ୟା ହେଉଛି ୨,୧୧,୪୯୦। ସେମାନଙ୍କ ମଧ୍ୟରୁ ୧,୦୮,୬୧୬ ଜଣ ପୁରୁଷ ଭୋଟର ହୋଇଥିବା ବେଳେ ୧,୦୨,୮୬୫ ଜଣ ମହିଳା ଭୋଟରଙ୍କ ସହିତ ୯ ଜଣ ତୃତୀୟ ଲିଙ୍ଗର ଭୋଟର ରହିଛନ୍ତି। ଏଥର ୪,୭୯୧ ଜଣ ନୂଆ ଭୋଟର ତାଲିକାରେ ଯୋଡି ହୋଇଥିବା ସରକାରୀ ତଥ୍ୟରୁ ଜଣାପଡିଛି। ଚଳିତ ବର୍ଷ ଭୋଟର ତାଲିକାରେ ଲିଙ୍ଗ ଅନୁପାତ ୯୪୭ ଥିବା ବେଳେ ୨.୯୩ ପ୍ରତିଶତ ବରିଷ୍ଠ ନାଗରିକ ରହିଛନ୍ତି। ସେହିପରି ୨.୩୮ ପ୍ରତିଶତ ଯୁବ ଭୋଟର ଥିବା ବେଳେ ୨.୬୦ ପ୍ରତିଶତ ଦିବ୍ୟାଙ୍ଗ ଭୋଟର ରହିଛନ୍ତି। ସେହି ଅନୁସାରେ ୬୨୦୨ ଜଣ ବରିଷ୍ଠ ନାଗରିକ, ୫୦୪୪ ଜଣ ଯୁବ ଭୋଟର, ଏବଂ ୫୪୯୪ ଜଣ ଦିବ୍ୟାଙ୍ଗ ଭୋଟର ସେମାନଙ୍କ ମତାଧିକାର ସାବ୍ୟସ୍ତ କରିବେ। ଆଠଗଡ଼ ଟିଗିରିଆ ବିଧାନସଭା ନିର୍ବାଚନ ମଣ୍ଡଳୀରେ ଥିବା ୨୫୪ଟି ବୁଥକୁ ପ୍ରାଥମିକ ଭାବରେ ୨୫ଟି ସେକ୍ଟରରେ ବିଭକ୍ତ କରାଯାଇଥିବା ଜଣାପଡିଛି। ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିର୍ଦ୍ଦେଶ ଅନୁସାରେ ପ୍ରତ୍ୟେକ ଭୋଟରଙ୍କୁ ସେମାନଙ୍କ ଆଧାର ନମ୍ବର ସଂଯୋଗ କରିବା ପାଇଁ ଉଭୟ ଅନଲାଇନ ଏବଂ ଅଫ୍‌ଲାଇନରେ ପଞ୍ଜିକରଣ କରାଯିବା କଥା। ମାତ୍ର ଏବେ ସୁଦ୍ଧା ପାଖାପାଖି ତିରିଶ ପ୍ରତିଶତ ଭୋଟରଙ୍କ ବିଭିନ୍ନ କାରଣରୁ ଆଧାର ସଂଯୋଗ ହୋଇପାରି ନାହିଁ। ତେବେ ଏ ସମ୍ପର୍କରେ ବିଧିବଦ୍ଧ ତଥ୍ୟ ସଂପୃକ୍ତ ବିଭାଗ ପାଖରେ ନ ଥିବା ଜଣାପଡିଛି।


DSPL-523

ମିଶନ ଶକ୍ତି | ODISHA MILLETS MISSION | TDCC SERVES THE TRIBALS | ଆମ ଓଡ଼ିଶା ନବୀନ ଓଡ଼ିଶା

ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ

ଅବଧି ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା

ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪



- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୫ ଜାନୁୟାରୀ ୨୦୨୪ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

ପଞ୍ଜିକରଣ ପ୍ରକ୍ରିୟା :

- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

ପଞ୍ଜିକରଣ ଅବଧି :

- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :

- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଜାନୁୟାରୀ ମାସ ୧୫ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।



ଭାଗ ଚାଷୀ :
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

କ୍ଷୁଦ୍ର ଓ ନାମମାତ୍ର ଚାଷୀ :
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

OIPR-01034/13/0002/2324

For more details visit- www.milletsodisha.com | Follow us on Odisha Millets Mission



# ବିମାନବନ୍ଦର ତାଲିକାରେ ଯୋଡ଼ିହେଲା ମାଲକାନଗିରି














ବିକାଶର ଅନ୍ୟନାମ ଏବେ ମାଲକାନଗିରି । ଦିନେ ଉପାନ୍ତ ବୋଲାଉଥିବା ଏହି ଜିଲ୍ଲା ଆଜି ଜଳ, ସ୍ଥଳ ଏବଂ ଆକାଶ ପଥରେ ନିଜ ନାମକୁ ସଗର୍ବେ ଯୋଡ଼ିପାରିଛି । ଜଳପଥରେ ଗୁରୁପ୍ରିୟା ସେତୁ, ସ୍ଥଳପଥରେ ବିଜୁ ଏକ୍ସପ୍ରେସ ୱେ ଏବଂ ଆଜି ଆକାଶ ପଥରେ ବିମାନ ସେବା ଆରମ୍ଭ ହେବା ପରେ ମାଲକାନଗିରି ଇତିହାସ ରଚିଛି । ବିକାଶର ସ୍ୱର୍ଣ୍ଣିମ ଅଧ୍ୟାୟରେ ନିଜ ନାଁକୁ ସାମିଲ କରିପାରିଛି । ମାଲକାନଗିରି ଯୋଗାଯୋଗ ବ୍ୟବସ୍ଥାର ଏପରି ରୂପାନ୍ତରଣ ଜିଲ୍ଲାକୁ ନୂଆ ପରିଚୟ ଦେଇଥିବା ବେଳେ ଆଗାମୀ ଦିନରେ ମାଲକାନଗିରି ସମୃଦ୍ଧି, ପ୍ରଗତି ଅଭିବୃଦ୍ଧିର ନୂଆ କାହାଣୀ ଲେଖିବ ନିଶ୍ଚୟ ।













# କଟକ ସିଟି

## 'କାର୍ସ' ପକ୍ଷରୁ ସଡ଼କ ସୁରକ୍ଷା ସପ୍ତାହ



**କଟକ,୯ ।୧(ସମିସ):** ଦୈନନ୍ଦିନ ଜୀବନରେ ସଡକ ପଥରେ ଦୁର୍ଘଟଣା ଜନିତ ମୃତ୍ୟୁସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି । ଏହି ଦୁର୍ଘଟଣା ହାରକୁ ରୋକିବା ପାଇଁ ସଚେତନତା ମାଧ୍ୟମରେ ପ୍ରତିବର୍ଷ ସଡ଼କ ସୁରକ୍ଷା ଦିବସ ପାଳିତ ହେଉଛି । ଏହି ଅବସରରେ କଟକ କମିସନରେଟ ପୁଲିସ, ସଡକ ପରିବହନ ବିଭାଗ ଏବଂ ସାମାଜିକ ଅନୁଷ୍ଠାନ କାର୍ସ (କମନ୍ ଆକ୍ସନ ଫର ରୋଡ ସେଫ୍ଟୀ) ପକ୍ଷରୁ ଅଧ୍ୟକ୍ଷ ଆଇନଜୀବୀ ସୁଜିତ ସେନାପତିଙ୍କ ନେତୃତ୍ୱରେ ୫୩ନଂ ୱାର୍ଡ ସ୍ଥିତ ଦରଖାପାଟଣା ଦୁର୍ଗା ମଣ୍ଡପ ସମ୍ମୁଖରେ ସଡକ ସୁରକ୍ଷା ସପ୍ତାହ-୨୦୨୪ ଅବସରରେ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ପାଳିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଅତିଥିଭାବେ ଚୌଦ୍ୱାର କଟକ ବିଧାୟକ ସୌଭିକ ବିଶ୍ୱାଳ, କଟକ ପରିବହନ ଅଧିକାରୀ ସଞ୍ଜୟ ବେହେରା, ଟ୍ରାଫିକ ଏସିପି ସୁଶାନ୍ତ ସିଂହ, କର୍ପୋରେଟର ଅରବିନ୍ଦ ଜେନା, ସୌଭାଗିନୀ ଜେନା ଏବଂ ଦରଖାପାଟଣା, ନୂଆପଡା, ଅନ୍ଦରପୁର ଓ ତିନିଘରିଆ ପୂଜାକମିଟିର ସଭାପତି ଓ ସମ୍ପାଦକମାନେ ଉପସ୍ଥିତ ରହି ସଡ଼କ ସୁରକ୍ଷା ଦିଗ ଉପରେ ସଚେତନତା ବାର୍ତ୍ତା ଦେବା ସହ ରାସ୍ତାରେ ଯାଉଥିବା ଗାଡ଼ି ଚାଳକଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ କଟକ ଅଟୋ ମହାସଂଘର କର୍ମକର୍ତ୍ତା, ବହୁ ବୁଦ୍ଧିଜୀବୀ, ମହିଳାମାନେ ଉପସ୍ଥିତ ଥିଲେ ।

## ନଦୀୟା ମହାମଣ୍ଡଳର ପ୍ରସ୍ତୁତି ବୈଠକ

**କଟକ,୯ ।୧(ସମିସ):** ଆସନ୍ତାଜାନୁୟାରୀ ୨୨ ତାରିଖ ଦିନ ଅଯୋଧ୍ୟାରେ ଭବ୍ୟ ରାମମନ୍ଦିର ପ୍ରତିଷ୍ଠା ଓ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବ ମହାସମାରୋହରେ ଅନୁଷ୍ଠିତ ହେଉଛି । ଏହି ଉତ୍ସବକୁ କଟକ ସହରର କୋଣ-ଅନୁକୋଣରେ ଥିବା ସମସ୍ତ ଦେବାଦେବୀ ମନ୍ଦିରରେ କିଭଳି ସଫଳଭାବେ ପାଳନ କରାଯିବ, ସେଥିପାଇଁ କଟକ ମହାନଗର ନଦୀୟା ସଂକୀର୍ତ୍ତନ ମହାମଣ୍ଡଳର ଏକ ପ୍ରସ୍ତୁତି ବୈଠକ ଆଜି ସନ୍ଧ୍ୟାରେ ଦରଘାବଜାରସ୍ଥିତ ହନୁମାନ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା । ମହାମଣ୍ଡଳର ସର୍ବମହନ୍ତ ଭିକାରୀ ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ । ଏହି ଉତ୍ସବ ଅବସରରେ ଉକ୍ତ ଦିନ ଦିବା ଏଗାରଟାରୁ ଗୋଟେ ପର୍ଯ୍ୟନ୍ତ ସମସ୍ତ ଦେବାଦେବୀଙ୍କ ପୀଠରେ ପୂଜାର୍ଚ୍ଚନା ସହ ହନୁମାନ ଚାଳିଶା, ସୁନ୍ଦରାକାଣ୍ଡ ଓ ନାମ ସଂକୀର୍ତ୍ତନ ପରିବେଷଣ କରି ସମଗ୍ର ଅଞ୍ଚଳରେ ଏକ ଆଧ୍ୟାତ୍ମିକ ବାତାବରଣ ସୃଷ୍ଟି କରିବାକୁ ବୈଠକରେ ନିବେଦନ କରାଯାଇଛି । ଦୀପାବଳୀ ଭଳି ସମସ୍ତଙ୍କ ଘରେ ଆଲୋକ ସଜ୍ଜା ଓ ଦୁଆର ମୁହଁରେ ପ୍ରଦୀପ ପ୍ରଜ୍ୱଳନ କରିବାକୁ ସହରବାସୀଙ୍କୁ ଅନୁରୋଧ କରାଯାଇଛି । ଏହି ବୈଠକରେ ସର୍ବାଧିକାରୀ ଜଗଜ୍ଜୀବନ ପ୍ରସାଦ, ସର୍ବକଟୁଆଳ କୃଷ୍ଣଚନ୍ଦ୍ର ସାହୁଙ୍କ ସମେତ ବରିଷ୍ଠ ପଦାଧିକାରୀ ସର୍ବଶ୍ରୀ ବିଭୁତିଭୂଷଣ ମହାପାତ୍ର, ସନ୍ତୋଷକୁମାର ସାହୁ, ରଘୁନାଥପ୍ରସାଦ ଭଗତ, କରୁଣାକର ବେହେରା, ସୁଦୀପ୍ତକୁମାର ସ୍ୱାଇଁ ଓ ଦିଲ୍ଲୀପ ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ ।

## କର୍ମଚାରୀ ସଂଘର ବନ୍ଧୁମିଳନ

**କଟକ,୯ ।୧(ସମିସ):** କେନ୍ଦ୍ରୀୟ ବିଦ୍ୟାଳୟ ସଂଗଠନ (ଭୁବନେଶ୍ୱର) ବରିଷ୍ଠ କର୍ମଚାରୀ ସଂଘ ପକ୍ଷରୁ ବନ୍ଧୁମିଳନ ଭୂଆଷୁଣୀ ମନ୍ଦିର ନିକଟରେ ଅନୁଷ୍ଠିତ ହୋଇଯାଇଛି । ସଭାପତି ଦୁର୍ଯ୍ୟୋଧନ କାଠୁଆଙ୍କ ତତ୍ତ୍ୱାବଧାନରେ ସଙ୍ଗୀତ ନୃତ୍ୟ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । ସଂଘର ସମ୍ପାଦକ ଦିବାକର ମିଶ୍ର, ସହସମ୍ପାଦକ ନିରଞ୍ଜନ ମିଶ୍ର, ସଂଗଠନ ସମ୍ପାଦକ ପ୍ରଫୁଲ୍ଲ କର, ଡ. ନଗେନ୍ଦ୍ର ନାଥ ମିଶ୍ର, ଲକ୍ଷ୍ମୀଧର ମିଶ୍ର, ବିଶିଷ୍ଟ ଚିତ୍ରଶିଳ୍ପୀ ନକୁଳ ଚନ୍ଦ୍ର ମହାରଣା, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷକ ଦୀପକ କୁମାର ରାଉତ ପ୍ରମୁଖ ଉପସ୍ଥିତ ଥିଲେ ।

## ବିଜ୍ଞାନ ପ୍ରଚାର ସମିତିର ବାର୍ଷିକ ଉତ୍ସବ

**କଟକ,୯ ।୧(ସମିସ):** ବିଜ୍ଞାନ ପ୍ରଚାର ସମିତିର ୭୪ତମ ବାର୍ଷିକ ଉତ୍ସବ ରେଭେନ୍ସା ବିଶ୍ୱବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବକ୍ତୃତା କକ୍ଷରେ ଡାକ୍ତର ନିତ୍ୟାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ମୁଖ୍ୟଅତିଥି ଭାବରେ ଜାତୀୟ ଧାନ ଗବେଷଣା ଅନୁଷ୍ଠାନର ନିର୍ଦ୍ଦେଶକ ଡ. ଅମରେଶ ଚନ୍ଦ୍ର ନାୟକ, କିମସ ଭୁବନେଶ୍ୱରର ପ୍ରୋ-ଭାଇସ ଚାନ୍ସଲର ତଥା ମେଡ଼ିସିନ ପ୍ରଫେସର ଡା. ସିବିକେ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ । ଏହି ପରିପ୍ରେକ୍ଷୀରେ ରେଭେନ୍ସା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡ. ସଞ୍ଜୟ କୁମାର ନାୟକଙ୍କୁ ବିଜ୍ଞାନ ରତ୍ନ ସମ୍ମାନ, ପ୍ରଫେସର ରମେଶ ଚନ୍ଦ୍ର ପରିଡାଙ୍କୁ ହୀରକ ସ୍ମାରକୀ ସମ୍ମାନ, ଡା. ପଦ୍ମନାଭ ବେହେରାଙ୍କୁ ସୁବର୍ଣ୍ଣ ସ୍ମାରକୀ ସମ୍ମାନ, ଦୈନିକ ସମାଜର ସମ୍ପାଦକ ଡ. ପ୍ରମୋଦ କୁମାର ମହାପାତ୍ରଙ୍କୁ ରାୟସାହେବ ବନବିହାରୀ ମହାନ୍ତି ସମ୍ମାନ, ପ୍ରଫେସର ତପନ କୁମାର ପାତ୍ରଙ୍କୁ ଡାକ୍ତର ବିକ୍ରମ ଦାସ ସମ୍ମାନ, ଡଃ ପ୍ରତିଭା ମହାରଥୀଙ୍କୁ ବିଜ୍ଞାନ ବାଗ୍ମୀତା ସମ୍ମାନ, ଡ. ସଙ୍ଗୀତା ମହାନ୍ତିଙ୍କୁ ଡାକ୍ତର ମହାମାୟା ପଟ୍ଟନାୟକ ସ୍ମୃତି ସମ୍ମାନ, ଆର୍ଯ୍ୟପ୍ରକାଶନୀର ସତ୍ତ୍ୱାଧିକାରୀ ଦୀପ୍ତିପ୍ରଭା ମିଶ୍ରଙ୍କୁ ନିମାଇଁ କିରଣ ବିଜ୍ଞାନ ପୁସ୍ତକ ପ୍ରକାଶକ ସମ୍ମାନ, ଡ. ହେମନ୍ତ ପରିଡାଙ୍କୁ ସୁକୁମାର ସୁନନ୍ଦା ଜନପ୍ରିୟ ବିଜ୍ଞାନ ପୁରସ୍କାର, ଅରବିନ୍ଦ କରଙ୍କୁ ଡାକ୍ତର ଗୋପାଳ ଚନ୍ଦ୍ର ପଟ୍ଟନାୟକ ସ୍ମୃତି ପୁରସ୍କାର, ବୀରକିଶୋର ବାରିକଙ୍କୁ ପ୍ରଫେସର ଗୋପୀନାଥ ପ୍ରସାଦ ମହାନ୍ତି ପ୍ରତିଭା ପୁରସ୍କାର, ପ୍ରକାଶ ରଞ୍ଜନ ଦାଶଙ୍କୁ ପରିବେଶ ପୁରସ୍କାର, ସସ୍ମିତା ପାଳଙ୍କୁ କୁମୁଦିନୀ ସ୍ମୃତି ପୁରସ୍କାର, ଡାକ୍ତର ଯଶସ୍ୱିନୀ ପଣ୍ଡାଙ୍କୁ ଶ୍ରେଷ୍ଠ କବିରାଜ ସମ୍ମାନ, ପ୍ରଫେସର ଶ୍ୟାମା କାନୁନଗୋଙ୍କୁ ଶ୍ରେଷ୍ଠ ଚିକିତ୍ସକ ସମ୍ମାନ ପ୍ରଦାନ କରାଯାଇଥିଲା । ଉପସଭାପତି ପ୍ରଫେସର ସୁବାସିନୀ ଲେଙ୍କା ସ୍ୱାଗତ ଭାଷଣ ଦେବା ସହିତ ଅତିଥି ପରିଚୟ ପ୍ରଦାନ କରିଥିଲେ । ଡା. ସଚ୍ଚିଦାନନ୍ଦ ଶତପଥୀ ପୁସ୍ତକ ଉନ୍ମୋଚନ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ କୋଷାଧ୍ୟକ୍ଷ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳ ଓ ପୂର୍ବତନ ସମ୍ପାଦକ ନିରଞ୍ଜନ ପାତ୍ର ପୁରସ୍କାର ଓ ସମ୍ମାନ ଉତ୍ସବକୁ ପରିଚାଳନା କରିଥିଲେ । ସମ୍ପାଦକ ଡାକ୍ତର ଦୀପକ ରାଜ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିବା ବେଳେ ଯୁଗ୍ମ ସମ୍ପାଦକ କବିତା ପାଟଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ ।

### ୬୫ ନୂଆ ଡାକ୍ତରଙ୍କୁ ଜିଲ୍ଲାରେ ମିଳିଛି ନିଯୁକ୍ତିପତ୍ର

# ୨୩ ଡାକ୍ତରଙ୍କ ଏଯାଏଁ ଦେଖାନାହିଁ

**କଟକ,୯।୧(ସମିସ)**



ଗତ ୨୮ ତାରିଖରେ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଭୁବନେଶ୍ୱରରେ ନିଯୁକ୍ତି ପର୍ବ ହୋଇଥିଲା । ମେଡିକାଲ ଅଫିସର ଓ ଦନ୍ତ ଚିକିତ୍ସକ ଭାବେ ୨୪୭୩ଜଣ ନୂଆ ଡାକ୍ତରଙ୍କୁ ରାଜ୍ୟ ସରକାର ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ । ଏମାନଙ୍କ ମଧ୍ୟରୁ କଟକ ଜିଲ୍ଲା ନିମନ୍ତେ ୬୫ଜଣ ଡାକ୍ତରଙ୍କ ତାଲିକା ରହିଥିଲା । ଯେଉଁମାନେ ଜିଲ୍ଲାର ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତ ହେବେ । ଆସନ୍ତା ୧୨ ତାରିଖରେ ଏମାନଙ୍କୁ ନିଯୁକ୍ତି ମିଳିବ । ଏ ନେଇ କଟକ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ(ସିଡିଏମଓ)ଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରସ୍ତୁତି ଚାଲିଛି । କେଉଁ ଡାକ୍ତରଙ୍କୁ କେଉଁ ସ୍ୱାସ୍ଥ୍ୟକେନ୍ଦ୍ରରେ ନିଯୁକ୍ତି ଦିଆଯିବ ତାହାର ତାଲିକା କରାଯାଉଛି । ତେବେ ନିଯୁକ୍ତି ପତ୍ର ପାଇଥିବା ୪୨ଜଣ ନୂଆ ଡାକ୍ତର ବର୍ତ୍ତମାନ ସୁଦ୍ଧା ସିଡିଏମଓଙ୍କ କାର୍ଯ୍ୟାଳୟକୁ ଆସି ଆବଶ୍ୟକୀୟ କାଗଜପତ୍ର ଦାଖଲ କରିଛନ୍ତି । ଅବଶିଷ୍ଟ ୨୩ ଡାକ୍ତରଙ୍କର ଏଯାଏଁ ଦେଖା ନାହିଁ । ସେମାନେ ନିଯୁକ୍ତ ହେବେ କି ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସିଡିଏମଓ ଡାକ୍ତର ମକରାନନ୍ଦ ବେଉରା ଏ ବିଷୟରେ କହିଛନ୍ତି ଯେ, ୨୩ଜଣ ଡାକ୍ତର କାହିଁକି ଆସିନାହାନ୍ତି ସେ ବିଷୟରେ କୌଣସି ସୂଚନା ନାହିଁ । ଯଦି ନ ଆସନ୍ତି ସେମାନଙ୍କ ବିଷୟରେ ରାଜ୍ୟ ସରକାରଙ୍କୁ ଚିଠି ଲେଖି ଅବଗତ କରାଯିବ ବୋଲି ସେ କହିଛନ୍ତି ।

ରାଜ୍ୟରେ ସ୍ୱାସ୍ଥ୍ୟ ଭିତ୍ତିଭୂମିକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ଉଦ୍ୟମ କରୁଛନ୍ତି । ବିଭିନ୍ନ ସରକାରୀ ହସ୍ପିଟାଲ ଗୁଡିକର ବିକାଶ କରାଯାଉଛି । ଅନେକ ହସ୍ପିଟାଲକୁ 'ଆମ ହସ୍ପିଟାଲ' ଯୋଜନାର ଅନ୍ତର୍ଭୁକ୍ତ କରାଯାଇ ତାହାର ରୂପରେଖ ବଦଳାଯାଉଛି । ଅପରପକ୍ଷରେ ଡାକ୍ତର ସଙ୍କଟକୁ ଦୂର କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ମେଡିକାଲ କଲେଜ ସ୍ଥାପନ ହେଉଛି । ଏହି ପରିପ୍ରେକ୍ଷୀରେ ନୂତନ ଡାକ୍ତରମାନଙ୍କୁ ରାଜ୍ୟ ସ୍ୱାସ୍ଥ୍ୟ ସେବା କ୍ୟାଡରରେ ଗତମାସରେ ନିଯୁକ୍ତି ଦିଆଯାଇଥିଲା । କଟକ ଜିଲ୍ଲା ନିମନ୍ତେ କେବଳ ୬୫ଜଣ ମେଡିକାଲ ଅଫିସର ନିଯୁକ୍ତି ପତ୍ର ପାଇଥିଲେ । ବିଦାଣିମା ସିଏଚ୍‌ସିରେ ଦନ୍ତ ଚିକିତ୍ସକ ପଦ ଥିଲେ ସୁଦ୍ଧା କୌଣସି ଦନ୍ତ ଚିକିତ୍ସକଙ୍କୁ ଜିଲ୍ଲା ପାଇଁ ନିଯୁକ୍ତି ପତ୍ର ମିଳିନାହିଁ । ତେବେ ୬୫ଜଣଙ୍କ ମଧ୍ୟରୁ ୨୩ଜଣ ଡାକ୍ତର ଏପର୍ଯ୍ୟନ୍ତ ସିଡିଏମଓଙ୍କ କାର୍ଯ୍ୟାଳୟକୁ ଆସି ନିଯୁକ୍ତି ପତ୍ର ଦାଖଲ ନ କରିବା ଘଟଣାକୁ ନେଇ ଭିନ୍ନ ମତ ପ୍ରକାଶ ପାଉଛି । ସିଡିଏମଓ କାର୍ଯ୍ୟାଳୟର ଜନୈକ ବରିଷ୍ଠ ଅଧିକାରୀ କୁହନ୍ତି ଯେ, କଟକ ଜିଲ୍ଲାରେ ମଞ୍ଜୁର ପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ହେଉଛି ୭୩୭ । ଏବେ ଅଛନ୍ତି ୨୨୭ ଜଣ ଡାକ୍ତର । ୫୦୦ରୁ ଅଧିକ ଡାକ୍ତର ପଦ ଫାଙ୍କା ପଡ଼ିଛି । ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅନେକ ନୂତନ ପଦବୀ ସୃଷ୍ଟି କରାଯାଇଥିବାରୁ ଫାଙ୍କା ସ୍ଥାନ ସୃଷ୍ଟି ହୋଇଛି । ଯାହାକୁ ପୂରଣ କରିବାକୁ ଉଦ୍ୟମ କରାଯାଉଛି । ସ୍ୱାସ୍ଥ୍ୟ ସେବା ପ୍ରତି ରାଜ୍ୟ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି । ଏପରି ସ୍ଥଳେ କିଛି ଡାକ୍ତର ସରକାରୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ନିଯୁକ୍ତ ନହେବାକୁ ଇଚ୍ଛା ରଖୁଥିବା ଦେଖିବାକୁ ମିଳୁଛି । ଏଣୁ ଏହା ଏକ କାରଣ ହୋଇପାରେ । ଗ୍ରାମାଞ୍ଚଳକୁ ଯାଇ ରୋଗୀ ସେବା କରିବାରେ ଅନିଚ୍ଛା ହେତୁ କିଛି ଡାକ୍ତରଙ୍କର ଦେଖା ନାହିଁ । ଅନ୍ୟପକ୍ଷରେ ଗତବର୍ଷ ଜିଲ୍ଲାରେ ୧୦ରୁ ଅଧିକ ଡାକ୍ତର ଚାକିରି ଛାଡ଼ି ଚାଲି ଯାଇଥିଲେ । ବିଭିନ୍ନ ବ୍ଲକରେ ନିଯୁକ୍ତ ହୋଇଥିବା ଡାକ୍ତର ଠିକ ଭାବେ କାର୍ଯ୍ୟ କରୁନଥିଲେ । ନିୟମିତ ଡାକ୍ତରଖାନା ଯାଉନଥିଲେ । ସେମାନଙ୍କୁ କାରଣ ଦର୍ଶାଅ ନୋଟିସ ପଠାଇବା ପରେ ଚାକିରି ଛାଡ଼ି ଦେଇଥିଲେ । ରୋଗୀ ସେବାକୁ ସୁଦୃଢ଼ କରିବାକୁ ରାଜ୍ୟ ସରକାର ନିରନ୍ତର ଉଦ୍ୟମ କରୁଥିଲେ ସୁଦ୍ଧା ଏଭଳି ସ୍ଥିତି ସବୁ ଉପୁଜୁଛି ବୋଲି ସେ କୁହନ୍ତି ।

## ଘରକୁ ଘର ବୁଲୁଛି ଜୟ ଜଗନ୍ନାଥ ଅର୍ପଣ ରଥ



**କଟକ,୯ ।୧(ସମିସ)**

ମହାପ୍ରଭୁଙ୍କ ଭବ୍ୟ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପରେ ସାମିଲ ହୋଇ ମହାପ୍ରଭୁଙ୍କ ନିକଟରେ ନିଜକୁ ସମର୍ପଣ କରିବାର ସୁଯୋଗ ଆଣିଦେଇଛନ୍ତି ରାଜ୍ୟସରକାର । ରାଜ୍ୟବ୍ୟାପୀ ୮ ହଜାର ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରି ପ୍ରତି ଘରୁ ସଂଗ୍ରହ କରାଯାଉଛି ଅକ୍ଷତ ଓ ଗୁଆ । ନାମ ସଙ୍କୀର୍ତ୍ତନ ଓ ହୁଳହୁଳିରେ ପ୍ରକମ୍ପିତ ହେଉଛି ଗାଁ ଦାଣ୍ଡ । ଶ୍ରଦ୍ଧାଳୁମାନେ ଅତ୍ୟନ୍ତ ଉତ୍ସାହର ସହ ଅକ୍ଷତ ଓ ଗୁଆ ପ୍ରଦାନ କରୁଛନ୍ତି । ରଥ ସମ୍ମୁଖରେ ଭଜନ, କୀର୍ତ୍ତନ ସହ ପାରମ୍ପରିକ ନୃତ୍ୟ ଗୀତ ମଧ୍ୟ ପ୍ରଦର୍ଶନ କରାଯାଉଛି । ଆଠଗଡର ଅଟ୍ଟାଳି ଜଗନ୍ନାଥ ମନ୍ଦିର ପରିସରରେ କୃଷି ଓ କୃଷକ ସଶକ୍ତିକରଣ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଥିଲେ । ପ୍ରାୟ ୩ହଜାର ଲୋକ ସେଠାରେ ଏକତ୍ରିତ ହୋଇ ରଥକୁ ସ୍ୱାଗତ କରିଥିଲେ । ଜୟ ଜଗନ୍ନାଥ ଧ୍ୱନିରେ ମନ୍ଦିର ପରିସର ପ୍ରକମ୍ପିତ ହୋଇଥିଲା । ସେହିପରି ବାରଙ୍ଗ ବ୍ଲକର ୪ଟି ଗ୍ରାମପଞ୍ଚାୟତ, କଣ୍ଟାପଡା ବ୍ଲକରେ ୪ଟି, ନିଆଳି ବ୍ଲକରେ ୪ଟି, ଆଠଗଡ ବ୍ଲକରେ ୫ଟି, ତିଗିରିଆ ବ୍ଲକରେ ୪ଟି, ବଡମ୍ବା ବ୍ଲକରେ ୪ ଟି, ନରସିଂହପୁର ୬ଗୋଟି, ବାଙ୍କି ବ୍ଲକରେ ୩ ଟି, ବାଙ୍କି-ଡମପଡା ବ୍ଲକରେ ୩ଟି, ନିଶ୍ଚିନ୍ତକୋଇଲି ବ୍ଲକରେ ୧୧ଟି, ସାଲେପୁର ବ୍ଲକରେ ୧୨ଟି, ମାହାଙ୍ଗା ବ୍ଲକରେ ୫ଟି ଗ୍ରାମପଞ୍ଚାୟତମାନଙ୍କରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ଶେଷ କରିଛି ।

## ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ

- ଡାକ୍ତର ଅବକାଶ ଦାସ ଯାଦବଙ୍କୁ ଆଳି ବ୍ଲକ୍ ଯୁବ ଜ୍ୟୋତି ସମ୍ମାନ

**କଟକ, ୯ ।୧(ସମିସ):** ଓଡ଼ିଶା ପ୍ରତିଭା ପୂଜା ସଂସଦ ପକ୍ଷରୁ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନଠାରେ ରାଜ୍ୟସ୍ତରୀୟ ସାରସ୍ୱତ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଡ. ସତ୍ୟ ରାୟ ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟଅତିଥି ଭାବେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଅବସରପ୍ରାପ୍ତ ବିଚାରପତି ଜଷ୍ଟିସ ଏ. ସୂର୍ଯ୍ୟନାରାୟଣ ନାଇଡୁ, ମୁଖ୍ୟବକ୍ତା ଭାବେ ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ସୁରେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ଦିଲ୍ଲୀପ କୁମାର ଦାସ, ସମ୍ମାନୀତ ଅତିଥି ଭାବେ ଉତ୍କଳ ସାହିତ୍ୟ ସମାଜର ଉପସଭାପତି ଜୀବନାନନ୍ଦ ଅଧିକାରୀ ଏବଂ ଓଡ଼ିଶା ପ୍ରତିଭା ପୂଜା ସଂସଦର ରାଜ୍ୟ ସଂଯୋଜକ ତଥା ଅଭିରାମ ପରମହଂସ ମିଶନର ରାଷ୍ଟ୍ରୀୟ ଅଧ୍ୟକ୍ଷ ତତ୍ତ୍ୱଭୂଷଣ ପ୍ରଭାତ କୁମାର ଦାସ ଯୋଗଦେଇଥିଲେ । ଏହି ଅବସରରେ କେନ୍ଦ୍ରାପଡା ଜିଲ୍ଲା ଆଳି ବ୍ଲକର ଯୁବ ଡାକ୍ତର ଅବକାଶ ଦାସ ଯାଦବଙ୍କୁ ଆଳି ବ୍ଲକ ଯୁବ ଜ୍ୟୋତି ସମ୍ମାନରେ ସମ୍ମାନିତ କରାଯାଇଥିଲା । ଡା. ଦାସ ଯାଦବ ଜଣେ ବିଶିଷ୍ଟ ଚିକିତ୍ସକ ଭାବେ ବେଶ ପରିଚିତ । ବିଭିନ୍ନ ସମୟରେ ସେ ଭୁବନେଶ୍ୱର ଏବଂ ଆଳି ଅଞ୍ଚଳରେ ମାଗଣା ଚିକିତ୍ସା ଏବଂ ରକ୍ତଦାନ ଶିବିର ଆୟୋଜନ କରାଇ ବେଶ ଲୋକପ୍ରିୟ ହୋଇପାରିଛନ୍ତି । ଏହି ଅବସରରେ ସମସ୍ତ ଅତିଥିମାନେ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।





## ମା' ବାଟମଙ୍ଗଳା ମନ୍ଦିର ପରିଦର୍ଶନ କଲେ ବିଧାୟକ

**କଟକ,୯ ।୧(ସମିସ):**

ମେରିଆବଜାର-କେଶରପୁର ଓ ରାଉସାପାଟଣା ସ୍ଥିତ ମା ବାଟମଙ୍ଗଳା ମନ୍ଦିରକୁ ବିଧାୟକ ମହମ୍ମଦ ମୋକିମ ପରିଦର୍ଶନ କରିଛନ୍ତି । ଏହି ଅବସରରେ ମା ବାଟମଙ୍ଗଳା ପରିଚାଳନା କମିଟିର କର୍ମକର୍ତ୍ତାମାନେ ବିଧାୟକଙ୍କୁ ମନ୍ଦିର ପରିସର ବୁଲାଇ ଦେଖାଇଥିଲେ । କଟକ ସହରର ପୁରାତନ ମନ୍ଦିରର ସମସ୍ତ ସୁବିଧା ଅସୁବିଧା ବିଷୟରେ କର୍ମକର୍ତ୍ତାମାନେ ବିଧାୟକଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ । ମନ୍ଦିରକୁ ଲାଗି ବକ୍ସ ଡ୍ରେନ କାର୍ଯ୍ୟ ଓ ରାସ୍ତା ସଂପ୍ରସାରଣ ପାଇଁ ଏହି ମନ୍ଦିରକୁ ଭାଙ୍ଗିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ହୋଇଛି । ଏହି ମନ୍ଦିରର ସୁରକ୍ଷା ଓ ବିକଳ୍ପ ସ୍ଥାନରେ ସ୍ଥାନାନ୍ତର କରିବାକୁ ମନ୍ଦିର କର୍ମକର୍ତ୍ତାମାନେ ବିଧାୟକଙ୍କୁ ଦାବି ଜଣାଇଥିଲେ । କଟକ ସହରର ସର୍ବପୁରାତନ ମନ୍ଦିରର ସୁରକ୍ଷା ଓ ସ୍ଥାନାନ୍ତର କାର୍ଯ୍ୟକୁ ପ୍ରଶାସନିକ ଅଧିକାରୀମାନଙ୍କ ସହିତ ଆଲୋଚନା କରାଯାଇ ସମାଧାନ କରାଯିବ ବୋଲି ବିଧାୟକ ମୋକିମ କହିଥିଲେ । କମିଟିର ସଭାପତି ସୁଶାନ୍ତ କୁମାର ସାମଲ ଓ ସଂପାଦକ ଶିବା ରାଓ, ଭାଗବତ ସ୍ୱାଇଁ, ନିରଞ୍ଜନ ସିଂ, ଚନ୍ଦ୍ରଶେଖର ରାଓ, ରାମେଶ୍ୱର ମୂଳିଆ, ବସନ୍ତ ଦାସ, ଶିବ ଚରଣ ବିଶ୍ୱାଳ, ଦୀପକ ଦାସ, ସୂର୍ଯ୍ୟମଣି ଜେନା, ଦେବାଶିଷ ମଣ୍ଡଳ ପ୍ରମୁଖ ଉପସ୍ଥିତ ଥିଲେ ।

## ମହମବତି ଶୋଭାଯାତ୍ରା

**କଟକ, ୯ ।୧(ସମିସ):** ବିଶିଷ୍ଟ ସମାଜସେବୀ ତଥା ହିନ୍ଦୁସେନା ରାଜ୍ୟ ସଭାପତି ଦେବାଶିଷ ରାଉତଙ୍କ ପିତା ରମେଶ ରାଉତଙ୍କ ବିୟୋଗରେ ହିନ୍ଦୁସେନା ଶାଖା ତରଫରୁ ଏକ ମହମବତୀ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଗୌରୀଶଙ୍କର ପାର୍କ ନିକଟରୁ ଏହି ଶୋଭାଯାତ୍ରା ବାହାରି ଚୌଧୁରୀ ବଜାର ଦୁର୍ଗା ମନ୍ଦିରରେ ପହଞ୍ଚିବା ପରେ ସେଠାରେ ସମୂହ ଦୀପଦାନ କରାଯାଇଥିଲା । ଏହି ଶୋଭାଯାତ୍ରା ରେ ଚୌଧୁରୀ ବଜାର ଦୁର୍ଗା ପୂଜା କମିଟିର ସମ୍ପାଦକ ପୂର୍ଣ୍ଣ ଚନ୍ଦ୍ର ସିଂ ,ସଭାପତି ଦେବାଶିଷ ରାୟ, ରଞ୍ଜୀତ ମଲିକ, ଅଭିଷେକ ଜେନା, ଦିଲୀପ ପ୍ରଧାନ,ମୃତ୍ୟୁଞ୍ଜୟ ବେହେରା, ଅଖିଳ ମୂଳିଆ,କ୍ଷିତୀଶ ଜଗତି,ରୂପକ ପ୍ରସାଦ, ରାଜକୁମାର ଜେନା, ଭାଗ୍ୟଧର ବେହେରା, କାର୍ତ୍ତିକ ବେହେରା, ଚନ୍ଦ୍ରକାନ୍ତ ନାୟକ, ମାନସ ଦତ୍ତ,ସାଧନ ଭଟଚାର୍ଯ୍ୟ, ସୁରଜ ସ୍ୱାଇଁ, ରାକେଶ ସାମଲ, ଦୀପ୍ତି ସ୍ୱାଇଁ, ଶୁଭମ ନାୟକ, ରାଜୁ ମୂଳିଆ,ପବନ ସୋନି, ଅରୁଣ ରାଓଙ୍କ ସମେତ ବହୁ ହିନ୍ଦୁସେନା କର୍ମୀ ଉପସ୍ଥିତ ଥିଲେ ।




### ● ପରିବହନ ଅଧିକାରୀଙ୍କ ନିର୍ଦ୍ଦେଶ

# ସିଏନ୍‌ବିଟି-ବାଦାମବାଡ଼ି ରାସ୍ତାରେ ଯାତ୍ରୀ ଉଠାଇବା ମନା

**କଟକ,୯ ।୧(ସମିସ)**




ପରିବହନ ବିଭାଗର ନିଷ୍ପତି ଅନୁଯାୟୀ ବାଦାମବାଡି ଟ୍ରାଫିକ ପୋଷ୍ଟରୁ ସିଏନବିଟି ରାସ୍ତାରେ କୌଣସି ଗାଡି ଯାତ୍ରୀ ଉଠାଇପାରିବ ନାହିଁ କି ଓହ୍ଲାଇପାରିବ ନାହିଁ । ସେହିଭଳି ଯାତ୍ରୀଙ୍କୁ ନେଇ ଆସୁଥିବା ପ୍ରିପେଡ୍ ଅଟୋ ରିକ୍ସାଗୁଡିକ ସିଏନବିଟିରେ ଯାତ୍ରୀଙ୍କୁ ଓହ୍ଲାଇ ତତ୍‌କ୍ଷଣାତ୍ ପ୍ରସ୍ଥାନ କରିବାକୁ କୁହାଯାଇଛି । ଏଥିପାଇଁ ସେମାନଙ୍କୁ ଦେୟ ଦେବାକୁ ପଡିବ ନାହିଁ । ସେହିଭଳି ସିଏନବିଟି ଭିତରେ କିମ୍ବା ବାହାରେ ଉଠା ଦୋକାନୀ ବସିପାରିବେ ନାହିଁ । ରାତ୍ରିକାଳୀନ ବସ୍ ଅନ୍ୟ ସ୍ଥାନରେ ନ ରହି ଟର୍ମିନାଲରେ ରହିବାକୁ ବାଧ୍ୟ ବୋଲି ନିର୍ଦ୍ଦେଶ ଜାରି କରାଯାଇଛି । ଏଥିସହିତ ସିଏନବିଟି ସମ୍ମୁଖରେ କାର କିମ୍ବା ଅଟୋ ରଖିବାକୁ ବାରଣ କରାଯାଇଛି । ଯଦି ଗାଡି ସେଠାରେ ରଖାଯାଏ ତେବେ ଜରିମାନା ଆଦାୟ କରାଯିବ । ଖାନନଗରସ୍ଥିତ କଟକ ନେତାଜୀ ବସ୍ ଟର୍ମିନାଲ(ସିଏନବିଟି) ପରିଚାଳନାରେ ଶୃଙ୍ଖଳା ଆଣିବା ପାଇଁ କଟକ ଆଞ୍ଚଳିକ ପରିବହନ ଅଧିକାରୀ ସଂଜୟ କୁମାର ବେହେରା ନିର୍ଦ୍ଦେଶ ଦେଇଛନ୍ତି । ଏନେଇ ସିଏନବିଟିରେ ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ବସ୍, କାର ଓ ପ୍ରବେଶ କରୁଥିବା ଅଟୋରିକ୍ସାର ସୁପରିଚାଳନା ନିମନ୍ତେ ସେ ଅଧିନସ୍ଥ କର୍ମଚାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ଏହି ବୈଠକରେ ଟ୍ରାଫିକ ଏସିପି ସୁଶାନ୍ତ କୁମାର ସିଂହ, ପରିବହନ ବିଭାଗର ଇନ୍ସପେକ୍ଟର ଗଂଜନ କୁମାର ଦୋରା, କଟକ ଅଟୋ ଆସୋସିଏସନର ସାଧାରଣ ସଂପାଦକ ଶୈଳେନ ଧଳ, କଟକ ଘରୋଇ ବସ୍ ମାଲିକ ସଂଘର ପ୍ରିୟବ୍ରତ ତ୍ରିପାଠୀ, ସିଏନବିଟିର ପରିଚାଳକ ପ୍ରଶାନ୍ତ ଦାସ, ସିକ୍ୟୁରିଟି ଅଧିକାରୀ ସୁଧାଂଶୁ ଶେଖର, ସିଏନବିଟି ଫାଣ୍ଡି ଅଧିକାରୀ ବିନୟ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଜାରି ହୋଇଥିବା ନିର୍ଦ୍ଦେଶାନାମାକୁ କାର୍ଯ୍ୟକାରୀ କରିବା ଲାଗି ଆଲୋଚନା କରିଥିଲେ ।

## ନାବାଳିକାକୁ ଅସଦାଚରଣ: ୨ଶ୍ରମିକ ଗିରଫ

**କଟକ,୯ ।୧(ସମିସ):** ଜଣେ ନାବାଳିକାକୁ ଅସଦାଚରଣ କରିବା ଘଟଣାରେ ପୁରୀଘାଟ ଥାନା ପୁଲିସ ୨ ଶ୍ରମିକଙ୍କୁ ଗିରଫ କରିଛି । ଅଭିଯୁକ୍ତ ଦ୍ୱୟ ହେଲେ ବିହାରର ଜିତୁ କୁମାର(୩୨) ଓ ସୁନୀଲ କୁମାର(୨୫) । ମଙ୍ଗଳବାର ଦୁଇ ଅଭିଯୁକ୍ତଙ୍କୁ ପୋକ୍ସୋ ଆକ୍ଟର ବିଭିନ୍ନ ଧାରାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରାଯାଇଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ଝୋଲାସାହି ଅଞ୍ଚଳରେ ଗତ କିଛି ଦିନ ହେବ ୱାଟକୋ ପକ୍ଷରୁ ପାଇପ ବିଛା କାମ ଜାରି ରହିଛି । ଏହି କାର୍ଯ୍ୟ କରୁଥିବା ଠିକାଦାରଙ୍କ ଅଧୀନରେ କେତେଜଣ ବିହାରୀ ଶ୍ରମିକ ଓ ମିସ୍ତ୍ରୀ ନିୟୋଜିତ ଅଛନ୍ତି । ନିକଟସ୍ଥ ଅଞ୍ଚଳର ଜଣେ ୧୦ ବର୍ଷୀୟ ନାବାଳିକା ସ୍ଥାନୀୟ ଜଣେ ଗୋପାଳକଙ୍କ ଘରକୁ ପ୍ରତିଦିନ ଖିର ଆଣିବା ପାଇଁ ଆସନ୍ତି । ରାତି ପ୍ରାୟ ୮ଟାରେ ପୂର୍ବଭଳି ନାବାଳିକା ଖିର ଆଣିବା ପାଇଁ ଚାଲି ଚାଲି ଯାଉଥିଲେ । ସେ ପାଇପ କାମ ହେଉଥିବା ଅନ୍ଧାରିଆ ସ୍ଥାନ ଦେଇ ଯାଉଥିଲା ବେଳେ ୨ ଶ୍ରମିକ ଜିତୁ ଓ ସୁନିଲ ତାଙ୍କୁ ଟାଣି ଆଣିଥିଲେ । ଉକ୍ତ ସ୍ଥାନରେ ନିଶାଶକ୍ତ ଅଭିଯୁକ୍ତ ଦ୍ୱୟ ନାବାଳିକା ସହ ଅସଦାଚରଣ କରିଥିଲେ । ତେବେ ନାବାଳିକା ଜଣକ ଚିତ୍କାର କରି କୌଶଳକ୍ରମେ ଅଭିଯୁକ୍ତଙ୍କ କବଳରୁ ଖସି ଆସିଥିଲେ । ଏହା ଭିତରେ ପାଟିଶୁଣି ଗୋପାଳକ ଜଣକ ଘଟଣାସ୍ଥଳକୁ ଦୌଡି ଆସିବାରୁ ଜିତୁ ଓ ସୁନୀଲ ଖସିଯିବାକୁ ଉଦ୍ୟମ କରିଥିଲେ । ମାତ୍ର ସ୍ଥାନୀୟ ଲୋକେ ଉଭୟଙ୍କୁ କାବୁ କରି ନିସ୍ତୁକ ମାଡ ମାରିବା ସହ ପୁଲିସ ଜିମା ଦେଇଥିଲେ ।

## ଘରେ କଳାକନା ବୁଲାଇଲେ ଲୁଟେରା

**ଟାଙ୍ଗୀ, ୯ ।୧(ସମିସ):** ଘରେ ତାଲା ପକାଇ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ନିମନ୍ତେ ସପରିବାର ପୁରୀ ଯାଇଥିବା ବେଳେ ଲୁଟେରାମାନେ ଘରେ କଳାକନା ବୁଲାଇ ଦେଇଛନ୍ତି । ଘର ଲୋକ ପରଦିନ ଘରକୁ ଫେରିଲା ପରେ ଘରେ ଲୁଟ ହୋଇଥିବା ଜାଣିପାରି ପୁଲିସକୁ ସୂଚନା ଦେଇଥିଲେ । ଘରର ୪ଟି ରୁମ୍ ଖୋଲା ରହିଥିବା ବେଳେ ଗଡ଼ରେଜ ଖୋଲି ଲୁଟେରାମାନେ ଟଙ୍କା ଓ ସୁନା ଲୁଟି ନେଇଛନ୍ତି । ଏପରିକି ଦୁଇଟି ଲାପଟପ ସହ ଲକ୍ଷାଧିକ ଟଙ୍କାର ସାମଗ୍ରୀ ମଧ୍ୟ ଲୁଟ୍ ହୋଇଥିବା ଜଣାପଡ଼ିଛି । ଅଭିଯୋଗ ଅନୁଯାୟୀ ଗ୍ରାମର ରାଜେନ୍ଦ୍ର ପୃଷ୍ଟି ଗତ ଶନିବାର ସକାଳୁ ଘରେ ତାଲା ପକାଇ ପତ୍ନୀ ଓ ପୁତ୍ର ସହ ପୁରୀ ବୁଲିବାକୁ ଯାଇଥିଲେ । ରବିବାର ଅପରାହ୍ନରେ ଫେରି ଉପରୋକ୍ତ ଘଟଣା ଜାଣିବା ପରେ ପୁଲିସକୁ ସୂଚନା ଦେଇଥିଲେ । ଟାଙ୍ଗୀ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଆବଶ୍ୟକ ତଦନ୍ତ ଆରମ୍ଭ କରିଥିବାବେଳେ ଶୀଘ୍ର ଅପରାଧୀ ଗିରଫ ହେବେ ବୋଲି ଆଇଆଇସି ସୂଚନା ଦେଇଛନ୍ତି ।

## ଦୀପ ନିଆଁରେ ପୋଡ଼ିହୋଇ ବୃଦ୍ଧା ଗୁରୁତର

**ଆଠଗଡ଼, ୯ ।୧(ସମିସ):** ଅର୍ପଣ ରଥକୁ ବନ୍ଦାଉଥିବା ବେଳେ ଦୀପ ନିଆଁରେ ପୋଡ଼ି ହୋଇ ଜଣେ ବୃଦ୍ଧା ଗୁରୁତର ଆହତ ହୋଇ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି । ଘଟଣାରୁ ପ୍ରକାଶ ଯେ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଉଦଘାଟନ ପାଇଁ ଆଜି ଅର୍ପଣ ରଥ ଆଠଗଡ଼ରେ ଗାଁ କୁ ଗାଁ ବୁଲି ଚାଉଳ ଓ ଗୁଆ ସଂଗ୍ରହ କରୁଥିଲା । ହେଲେ ଆଠଗଡ଼ ବ୍ଲକ୍ ବଡଭୂଇଁ ପଞ୍ଚାୟତ ଜାଗିଆପଡା ଗ୍ରାମ ରଘୁନାଥ ପାଟଣା ସାହିରେ ଏହି ଅର୍ପଣ ରଥକୁ ବନ୍ଦାଉଥିବା ସମୟରେ ଜଣେ ବୃଦ୍ଧାଙ୍କ ଶାଢୀରେ ନିଆଁ ଲାଗି ତାଙ୍କ ଶରୀରର ପ୍ରାୟ ଷାଠିଏ ପ୍ରତିଶତ ପୋଡି ଯାଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ ତୁରନ୍ତ ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ଅଧିକ ଚିକିତ୍ସା ପାଇଁ ଡାକ୍ତର କଟକ ରେଫର କରିଥିଲେ । କିନ୍ତୁ ପରିବାର ଲୋକେ ତାଙ୍କୁ ଭୁବନେଶ୍ୱରରେ ଏକ ଘରୋଇ ହସ୍ପିଟାଲ ନେଇଥିବା ଜଣାପଡିଛି । ଗୁରୁତର ମହିଳା ଜଣଙ୍କ ହେଲେ ରଘୁନାଥ ପାଟଣା ଗ୍ରାମର ଗୋକୁଳାନନ୍ଦ ସାହୁଙ୍କ ସ୍ତ୍ରୀ ନିଶାମଣି ସାହୁ ବୋଲି ଜଣାପଡିଛି । ଖବର ପାଇ ଆଠଗଡ଼ ପୁଲିସ ଓ ବିଡିଓ ଘଟଣାସ୍ଥଳରେ ପହଞ୍ଚିଥିବା ବେଳେ ତାଙ୍କର ସମସ୍ତ ଚିକିତ୍ସା ଖର୍ଚ୍ଚ ବ୍ଲକ ବହନ କରିବ ବୋଲି କହିଛନ୍ତି ।

## ବିଜେଡିରେ ଯୋଗଦେଲେ କଂଗ୍ରେସ କର୍ମୀ



**ବାଙ୍କୀ, ୯ ।୧(ସମିସ):** ବାଙ୍କୀ ବ୍ଲକ ଅନ୍ତର୍ଗତ ପୁଇଁଚା ପଞ୍ଚାୟତ କଡ଼ାମଲ୍ଲ ଗ୍ରାମର କଂଗ୍ରେସ କର୍ମୀଙ୍କ ବିଜେଡିର ଯୋଗଦାନ । ବାଙ୍କୀ ବ୍ଲକ ଅନ୍ତର୍ଗତ କଡ଼ାମଲ୍ଲ ଗ୍ରାମର କଂଗ୍ରେସ କର୍ମୀ ପ୍ରେମାନନ୍ଦ ବିଶ୍ୱାଳ, ସାରଙ୍ଗଧର ରାଉତ, ଅପର୍ତ୍ତି ସାମଲ, ଭଜମନ ଖଟୁଆ, ମଙ୍ଗୁଳି ନାୟକ, ଭଗବାନ ସ୍ୱାଇଁ , ବେଣୁଧର ପାଣିଗ୍ରାହୀଙ୍କ ସମେତ ବହୁ କଂଗ୍ରେସ କର୍ମୀ ଆଜି ବିଧାୟକ ଦେବୀରଞ୍ଜନ ତ୍ରିପାଠୀଙ୍କ ଭୁବନେଶ୍ୱର ବାସଭବନରେ ଉପସ୍ଥିତ ରହି ବିଜେଡିରେ ଯୋଗଦାନ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଉପସ୍ଥିତ ରହି କଂଗ୍ରେସ କର୍ମୀଙ୍କୁ ବିଜେଡି ଦଳରେ ଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଜେଡି ନେତା ବେଣୁଧର ବଳିୟାରସିଂହ, ବିଜୟ କୁମାର ମତଗଜସିଂହ, ବନବିହାରୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

## ଠିକାଦାରଙ୍କ ମନମୁଖି କାର୍ଯ୍ୟ | କଲଭର୍ଟ ପାଲଟିଛି ମରଣଯନ୍ତା



**ମଙ୍ଗୁଳି, ୯ ।୧ (ସମିସ)**

ଚୌଦ୍ୱାର ଥାନା ଅନ୍ତର୍ଗତ ବାରବାଟିଆ ବଜାର ଠାରୁ ମଙ୍ଗରାଜପୁର ପର୍ଯ୍ୟନ୍ତ ଯାଇଥିବା ରାସ୍ତା ନିର୍ମାଣ କାମ ଚାଲିଥିବା ବେଳେ ସ୍ଥାନୀୟ ମହିମା ପ୍ୟାଲେସ୍ ଠାରେ ଆଜକୁ ପ୍ରାୟଦେଢ଼ମାସରୁ ଊଦ୍ଧ୍ୱ ସମୟଧରି ଏକ ନୂତନ କଲଭର୍ଟ କରାଯିବା ପାଇଁ ଗାତ ଖୋଳାଯାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଉକ୍ତ କଲଭର୍ଟ କାମ ଆରମ୍ଭ ହୋଇପାରିନାହିଁ । ଫଳରେ ଖୋଳାଯାଇଥିବା ଗାତଟି ଏବେ ପଥଚାରୀଙ୍କ ପାଇଁ ମରଣଯନ୍ତା ପାଲଟିଥିବା ଜଣାପଡ଼ିଛି । ସୂଚନାଥାଉକି, ପୌରପାଳିକାର ଆସୁଥିବା ଡ୍ରେନ୍ ପାଣି ପୂର୍ବରୁ ଏହି ବାଟ ଦେଇ ନିଷ୍କାସନ ହେଉଥିବା ବେଳେ ଏହି ଡ୍ରେନ୍‌ଟି ଆଗ୍ରାହାଟ ପଞ୍ଚାୟତର ସୀମା ମଧ୍ୟରେ ପ୍ରବେଶ କରିଛି ଯାହାକୁ ନେଇ ପଞ୍ଚାୟତ ଏବଂ ପୌରପାଳିକା ମଧ୍ୟରେ ବିବାଦ ମଧ୍ୟ ରହିଛି । ଏବେ ଠିକାଦାର ମନୋମୁଖୀ ଭାବେ ଉକ୍ତ ସ୍ଥାନରେ କଲଭର୍ଟ ଖୋଳିଦେବା ଫଳରେ ଡ୍ରେନ୍‌ର ସମସ୍ତ ମଇଳା ପାଣି ଏହି ଖାଲରେ ଜମା ହୋଇ ରହୁଛି । କଲଭର୍ଟଟି ବହୁତ ବଡ଼ ହୋଇଥିବା ବେଳେ ଏହାର ଚାରିପଟେ କୌଣସି ସୁରକ୍ଷା ବାଡ଼ ନାହିଁ ଏବଂ ଲାଇଟ୍‌ର ବ୍ୟବସ୍ଥା ମଧ୍ୟ ନାହିଁ ଯାହାଫଳରେ ଅନ୍ଧାରରେ ଯଦି କୌଣସି ଯାତ୍ରୀ କିମ୍ବା ଜୀବଜନ୍ତୁ ଏହି ଖାଲରେ ପଡ଼ିଯାଆନ୍ତି ତେବେ ସେମାନେ ମୃତ୍ୟୁମୁଖରେ ପଡ଼ିବାର ସମ୍ଭାବନା ରହିଥିବା ଅଞ୍ଚଳବାସୀ ପ୍ରକାଶ କରିଛନ୍ତି । ଅନ୍ୟପକ୍ଷରେ ଏହି କଲଭର୍ଟ ତିଆରି ହେବା ପରେ ପୁର୍ନବାର ଏହି ଡ୍ରେନ୍ ଦେଇ ପୌରପାଳିକାର ପାଣିଗୁଡ଼ିକ ଆଗ୍ରାହାଟ ସୀମାକୁ ଯିବ ବୋଲି ସରପଞ୍ଚଙ୍କ ପ୍ରତିନିଧି ମୁନା ରାଉତ ଏହାକୁ ଘୋର ବିରୋଧ କରିଥିବା ବେଳେ ଏହି କଲଭର୍ଟଟିକୁ ତିଆରି କରାଇ ଦେଉନାହାନ୍ତି । ଯାହାଫଳରେ ବିଭାଗୀୟ ଅଧିକାରୀ ଓ ସରପଞ୍ଚଙ୍କ ପ୍ରତିନିଧିଙ୍କ ମଧ୍ୟରେ ଆପୋଷ ସମାଧାନ ହୋଇ ନ ପାରିବାରୁ ସ୍ଥାନୀୟ ଜନସାଧାରଣ ଓ ଯାତାୟତ କରୁଥିବା ଲୋକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଚୌଦ୍ୱାର ରାସ୍ତା ଓ ଗୃହ ବିଭାଗ ପକ୍ଷରୁ ଚାରବାଟିଆରୁ ମଙ୍ଗରାଜପୁର ରାସ୍ତା ନିର୍ମାଣକୁ ସୁଚାରୁରୂପେ ସମ୍ପାଦନ କରିଆସୁଥିଲେ ମଧ୍ୟ ଏହି କଲଭର୍ଟ ପାଇଁ ସ୍ଥାନୀୟ ଅଞ୍ଚଳବାସୀଙ୍କ ମନରେ ଘୋର ଅସନ୍ତୋଷ ଦେଖାଦେଇଛି । ଏହା ଉପରେ ତୁରନ୍ତ ସ୍ଥାନୀୟ ପ୍ରଶାସନ ଏବଂ ବିଭାଗୀୟ ଅଧିକାରୀମାନେ ଦୃଷ୍ଟି ଦିଅନ୍ତୁ ବୋଲି ସାଧାରଣରେ ଦାବି ହୋଇଆସୁଛି ।

### ସେମାନଙ୍କ ମତରେ...



ହାଉସିଂବୋର୍ଡ କଲୋନୀ, କେଦାରେଶ୍ୱର ଏବଂ ପିଏଚ୍‌ଡି ଅଫିସ୍‌ର ସମସ୍ତ ଆବର୍ଜନା ଏବଂ ମଇଳା ପାଣି ଏହି ଡ୍ରେନ୍ ଦେଇ ଆଗ୍ରାହାଟ ସ୍ଥିତ ବୈଦେଶ୍ୱର ନିକଟ ଦେଇ ନିଷ୍କାସନ ହେଉଥିବା ବେଳେ ପଞ୍ଚାୟତ ତରଫରୁ ବୈଦେଶ୍ୱର ମନ୍ଦିର ନିକଟରେ କରାଯାଇଥିବା ସଂରକ୍ଷିତ ଜଳଭଣ୍ଡାରରେ ଏହି ଦୂଷିତ ପାଣି ମିଶିବା ଯୋଗୁଁ ଗ୍ରାମବାସୀ ଏହି ପାଣିକୁ ବ୍ୟବହାର କରିପାରୁନାହାନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାର ଆବଶ୍ୟକତା ରହିଛି ।

■ **ହୃଷିକେଶ ରାଉତ, ସମାଜସେବୀ**



ବହୁ ବର୍ଷ ଧରି ପୌରପାଳିକା ତରଫରୁ ନିଷ୍କାସିତ ପାଣି ଗୁଡ଼ିକ ଆମ ପଞ୍ଚାୟତକୁ ଛଡ଼ାଯାଉଥିବା ବେଳେ ଏହି ପାଣି ଆମ କୂଅ, ପୋଖରୀ ଏବଂ ଚାଷ ଜମିରେ ମିଶି ପଞ୍ଚାୟତବାସୀଙ୍କ ପାଇଁ କରାଯାଇଥିବା ସଂରକ୍ଷିତ ଜଳଭଣ୍ଡାର ମଧ୍ୟରେ ପ୍ରବେଶ କରୁଛି । ଯାହାଫଳରେ ଅଞ୍ଚଳରେ ବିଶୁଦ୍ଧ ପାନୀୟ ଜଳ ମିଳିବା କଷ୍ଟକର ହୋଇପଡ଼ିଥିବା ବେଳେ ଫସଲ ଗୁଡ଼ିକ ନଷ୍ଟ ହେବାରେ ଲାଗିଛି । ତୁରନ୍ତ ସ୍ଥାନୀୟ ପ୍ରଶାସନ, ବିଭାଗୀୟ ଅଧିକାରୀ ଏବଂ ସରପଞ୍ଚ ଏହାର ସ୍ଥାୟୀ ସମାଧାନର ବାଟ ବାହାର କରନ୍ତୁ ।

■ **ସୁବାସ ଜୀ, ଯୁବ ବ୍ୟବସାୟୀ**



ଏହି ଡ୍ରେନ୍ ସମସ୍ୟାକୁ ନେଇ ପୂର୍ବରୁ ପୌର ପ୍ରଶାସନ ଏବଂ ପଞ୍ଚାୟତ ମଧ୍ୟରେ ବିବାଦ ଦେଖାଯାଇଥିଲା । ସ୍ଥାନୀୟ ବିଧାୟକ ପୌର ଅଧିକାରୀ ଏବଂ ସରପଞ୍ଚଙ୍କ ଉପସ୍ଥିତିରେ ଏହି ସମସ୍ୟାର ସମାଧାନ ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲେ ମଧ୍ୟ ଆଜକୁ ପ୍ରାୟ ୫ବର୍ଷ ବିତିଯାଇଥିଲେ ବି ଏହାର କୌଣସି ସ୍ଥାୟୀ ସମାଧାନ ହୋଇପାରିଲା ନାହିଁ । ଏବେ କଲଭର୍ଟ ଖୋ ।ଳିବା ସହ ଏହାର ନିର୍ମାଣ କାମ ଆରମ୍ଭ ନ କରିବାରୁ ଏହା ଏବେ ମରଣଯନ୍ତା ପାଲଟିଥିବା ଜଣାପଡ଼ିଛି । ସ୍ଥାନୀୟ ବିଧାୟକ ଏଥିରେ ହସ୍ତକ୍ଷେପ କରି ଏହାର ସମାଧନ କରନ୍ତୁ ବୋଲି ମୁଁ ଅନୁରୋଧ କରୁଛି ।

■ **ପ୍ରଶାନ୍ତ ବରାଳ, ସଭାପତି, ବିରାଟ ବଜାର ପୂଜା କମିଟି**

## ନାବାଳିକା ଅପହରଣ; ୩ ଗିରଫ

**ଚୌଦ୍ୱାର, ୯ ।୧(ସମିସ):** ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଗ୍ରାମର ଜଣେ ନାବାଳିକାକୁ ଅପହରଣ କରିଥିବା ଅଭିଯୋଗରେ ସେହି ଗ୍ରାମର ୩ ଜଣଙ୍କୁ ଚୌଦ୍ୱାର ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସ ସୂଚନା ଅନୁଯାୟୀ ଉକ୍ତ ନାବାଳିକାକୁ ଅପହରଣ କରାଯାଇଥିବା ନାବାଳିକାର ବାପା ଗତ ୩୧ ତାରିଖ ଦିନ ଥାନାରେ ଅଭିଯୋଗ କରିଥିଲେ । ପୁଲିସ ଘଟଣାର ତଦନ୍ତ କରି ଢେଙ୍କାନାଳ ଅଞ୍ଚଳରୁ ନାବାଳିକାକୁ ଉଦ୍ଧାର କରିବା ସହିତ ଅପହରଣର ମୁଖ୍ୟଅଭିଯୁକ୍ତ ବିକାଶ ମଲ୍ଲିକକୁ ଗିରଫ କରିଥିଲେ । ବିକାଶର ବୟାନ ଅନୁସାରେ ତାକୁ ସହଯୋଗ କରିଥିବା ତାର ଦୁଇ ବନ୍ଧୁ ହିମାଂଶୁ ପରିଡ଼ା ଓ ବିସ୍ମୟ ରାଉତକୁ ମଧ୍ୟ ପୁଲିସ ଗିରଫ କରିଛି । ନାବାଳିକା ଜଣକୁ କଟକ ବସୁନ୍ଧରା ଆଶ୍ରମରେ ଛଡ଼ାଯାଇଛି । ବିକାଶ ଏକତରଫା ପ୍ରେମରେ ବିଫଳ ହେବାରୁ ନାବାଳିକାକୁ ଅପହରଣ କରିଥିଲା ବୋଲି ପୁଲିସ ସୂଚନା ଦେଇଛି ।

## ନାବାଳିକାକୁ ନିର୍ଯାତନା; ଜଣେ ଗିରଫ

**ସାଲେପୁର, ୯ ।୧(ସମିସ):** ଜଣେ ନାବାଳିକା ଝିଅକୁ ନିଜ ଘରେ ରଖି ଶାରୀରିକ ମାନସିକ ନିର୍ଯାତନା ଦେବା ସହ ଘରର ଯାବତୀୟ କାର୍ଯ୍ୟ କରାଉଥିବା ବେଳେ ଆଜି ସାଲେପୁର ପୁଲିସ ଜଣକୁ ଗିରଫ କରି କୋର୍ଟଚାଲାଣ କରିଛି । ପୁଲିସ ସୂତ୍ରରୁ ପ୍ରକାଶ ଯେ, ନେମାଳ ଅଞ୍ଚଳର ଜଣେ ୧୪ବର୍ଷର ନାବାଳିକା ଝିଅକୁ ନିଜ ଘରେ ବଳ ପୂର୍ବକ ରଖି ତାକୁ ବିଭିନ୍ନ ସମୟରେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେବା ସହ ଘରର ଯାବତୀୟ କାର୍ଯ୍ୟ କରାଉଥିଲେ । ଏହାନେଇ ନାବାଳିକା ଜଣକ ସିଡବ୍ଲୁସିରେ ଅଭିଯୋଗ କରିବା ପରେ ସାଲେପୁର ପୁଲିସ ସହାୟତାରେ ସିଡବ୍ଲୁସି ନାବାଳିକା ଝିଅଟିକୁ ଉଦ୍ଧାର କରିବା ସହ ନିଜ ଘରେ ରଖି କାମ କରାଉଥିବା ଅଭିଯୋଗରେ ଜାଗୁଳାଇପଡ଼ା ଗ୍ରାମର ସତ୍ୟନାରାୟଣ ମିଶ୍ରଙ୍କୁ ସାଲେପୁର ପୁଲିସ ଗିରଫ କରିଛି ।

### ଶ୍ରୀମନ୍ଦିର ପରିକ୍ରମା ରଥକୁ ଭବ୍ୟ ସ୍ୱାଗତ

# ଜୟ ଜଗନ୍ନାଥ ଧ୍ୱନିରେ କମ୍ପୁଛି ଗାଁ

**ତିଗିରିଆ, ୯ ।୧(ସମିସ)**

ତିଗିରିଆ ବ୍ଲକର ମଉଡମଣୀ ତଥା ଆରାଧ୍ୟ ଦେବତା ପ୍ରଭୁ ଶ୍ରୀ ପ୍ରସନ୍ନମଣୀଙ୍କ ତିଗିରିଆ ନିଜିଗଡସ୍ଥିତ ପୀଠରୁ ଆଜି ଅର୍ପଣ ରଥ ପରିକ୍ରମା ଆରମ୍ଭ କରିଛି । ବ୍ଲକ୍ ପ୍ରଶାସନ ପକ୍ଷରୁ ଆୟୋଜିତ ୭ଟି ସୁସଜ୍ଜିତ ଗାଡି ଆଜିଠାରୁ ଆସନ୍ତା ୧୪ ତାରିଖ ମଧ୍ୟରେ ଏହି ରଥ ତିଗିରିଆ ବ୍ଲକର ସମୁଦାୟ ୧୪ ପଞ୍ଚାୟତ ଅଧୀନ ୫୦ ରାଜସ୍ୱ ଗ୍ରାମର ସାହି, ବସ୍ତି ଗଳିକନ୍ଦି ବୁଲିବ । ରାଜ୍ୟ କୃଷି କୃଷକ ସଶକ୍ତିକରଣ ମତ୍ସ୍ୟ ଓ ପଶୁ ସଂପଦ ବିଭାଗ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏଥିରେ ମୁଖ୍ୟଅତିଥି ରୂପେ ଯୋଗଦେଇ ଶ୍ରୀ ଜଗନ୍ନାଥ ଅର୍ପଣ ରଥକୁ ଉଦ୍‌ଘାଟନ କରିଥିଲେ । ଆଠଗଡ ଅଞ୍ଚଳର ସଦାନନ୍ଦ ଦାସ ମହାରାଜ, ଯଶୋଦା ନନ୍ଦନ ମହାରାଜ, ରାଧାରମଣ ଦାସ ଓ ଶ୍ରୀ ଜଗନ୍ନାଥ ପ୍ରବଚକ ମାନସ ରଞ୍ଜନ ପଣ୍ଡା ପ୍ରମୁଖ ମନ୍ଦିର ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବକ୍ତବ୍ୟ ରଖିଥିଲେ । କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ, ଉପାଧ୍ୟକ୍ଷ ମାନସ ସାହୁ, ଆଇନଜୀବୀ ପ୍ରଶାନ୍ତ ପଟ୍ଟନାୟକ, ବିଡିଓ ପ୍ରଣବ ବେହେରା, ଜିଲ୍ଲା ପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ, ଜିଲ୍ଲା ଯୋଜନା ବୋର୍ଡ ସଦସ୍ୟା ସସ୍ମିତା ରାଉତ, ରାଜ୍ୟ ଖଦୀ ନିଗମ ଅଧ୍ୟକ୍ଷ ଭାଗିରଥି ନନ୍ଦ, ବ୍ଲକ ବିଜେଡି ସଭାପତି ଅଜିତ୍ ଧିର ପ୍ରମୁଖ ଉପସ୍ଥିତ ଥିଲେ । ପ୍ରଥମ ଦିନରେ ଆଜି ଅର୍ପଣ ରଥ ଏହି ବ୍ଲକ ଅନ୍ତର୍ଗତ ବଡନାଉପୁଟ, ପାଞ୍ଚଗାଁ ଓ ଗଦାଧରପୁର ଆଦି ୩ଟି ଗ୍ରାମ ପରିକ୍ରମା କରି ଜନସାଧାରଣଙ୍କ ଠାରୁ ଅକ୍ଷତ ଓ ଗୁଆ ସଂଗ୍ରହ କରିଛି । ବିଭିନ୍ନ ଗ୍ରାମରେ ହଜାର ହଜାର ଜଗନ୍ନାଥପ୍ରେମୀ, ଶୁଭେଚ୍ଛୁମାନେ ଅର୍ପଣ ରଥକୁ ନାମ ସଂକୀର୍ତ୍ତନ ମଧ୍ୟରେ ବନ୍ଦାପନା କରି ଅକ୍ଷତ, ଗୁଆ ଓ ଦକ୍ଷିଣା ପ୍ରଦାନ କରୁଥିବାର ଦେଖିବାକୁ ମିଳିଛି ।

**ବାରଙ୍ଗ:** ମଙ୍ଗଳବାର ଶ୍ରୀ ଜଗନ୍ନାଥ ଅର୍ପଣ ରଥ ବାରଙ୍ଗ ବ୍ଲକ କାର୍ଯ୍ୟାଳୟରୁ ଶୁଭାରମ୍ଭ କରାଯାଇଛି । ଏହି ଜଗନ୍ନାଥ ପରିକ୍ରମା ରଥକୁ ବାରଙ୍ଗ ବ୍ଲକ ଉନ୍ନୟନ ଅଧିକାରୀ ବିଶ୍ୱ ରଞ୍ଜନ ବିଶ୍ୱାସ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ଦଳାଇ ଉଦଘାଟନ କରି ପ୍ରତ୍ୟେକ ଲୋକ ଶ୍ରୀଜଗନ୍ନାଥଙ୍କର ବେଢ଼ା ପରିକ୍ରମା ପ୍ରତିଷ୍ଠା ଉତ୍ସବରେ ଯୋଗଦେବାକୁ ଅନୁରୋଧ କରିଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ରାଉତ, ଜେଇ ବୁଦ୍ଧଦେବ ଜେନା, ଏଇ ଆଦିତ୍ୟ ନାରାୟଣ ମିଶ୍ର, ଏବିଡିଓ ବିଜୟ କେତନ ଚୌଧୁରୀ ଓ ବ୍ଲକର ଅନ୍ୟାନ୍ୟ କର୍ମଚାରୀମାନେ ଯୋଗଦେଇଥିଲେ । ଏହି ଜଗନ୍ନାଥ ଅର୍ପଣ ରଥକୁ ପ୍ରଥମ ଦିନରେ ବ୍ଲକର ବେଲଗଛିଆ, ଦାଢାପାଟଣା, କୋରକୋରା ଓ କୁରାଙ୍ଗ ଶାସନ ପଞ୍ଚାୟତ ପରିକ୍ରମା କରାଇଥିଲେ । ଶତାଧିକ



ବାରଙ୍ଗ





ମାହାଙ୍ଗା

ଶ୍ରଦ୍ଧାଳୁ ସଂକୀର୍ତ୍ତନ ଶୋଭାଯାତ୍ରାରେ ରଥକୁ ବିଭିନ୍ନ ଗ୍ରାମକୁ ନେଇଥିଲେ । ବେଲଗଛିଆ ଗ୍ରାମପଞ୍ଚାୟତ ସରପଞ୍ଚ ମାନିନୀ ସାହୁଙ୍କ ତତ୍ତ୍ୱବଧାନରେ ପଞ୍ଚାୟତ ନିକଟରୁ ରଥ ବାହାରି ନରଣପୁର, ବେଲଗଛିଆ, ଜୟପୁର, ଗୋଠପୁର, ନୟାପାଟଣା, ଆମ୍ବବଳେଇ ଗ୍ରାମ ପରିକ୍ରମା କରିଥିଲା । ମା'ମାନେ ଶଙ୍ଖ, ହୁଳହୁଳୀ ପକାଇ, ଧୂପ, ଦୀପ, ନୈବେଦ୍ୟ, ପୁଷ୍ପମାଲ୍ୟ ଅର୍ପଣ କରି ଆଳତୀ କରିଥିଲେ । ଏହି ପରିକ୍ରମାରେ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ରାଉତଙ୍କ ସମେତ ବହୁ ବିଜେଡି ନେତୃବୃନ୍ଦ ଯୋଗଦେଇଥିଲେ ।

**ମାହାଙ୍ଗା:** ମାହାଙ୍ଗା ବ୍ଲକ ଗୋକନ ପଞ୍ଚାୟତ ଗୋକନ ଦୁର୍ଗା ମଣ୍ଡପରେ ଆଜି ବ୍ଲକ ପ୍ରଶାସନ ପକ୍ଷରୁ ଅର୍ପଣ ରଥ ଶୁଭାରମ୍ଭ କରାଯିବା ସହ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଛି । ଏହି ଅବସରରେ ଶହ ଶହ ସଂଖ୍ୟାରେ ଜଗନ୍ନାଥ ପ୍ରେମୀ ଶ୍ରଦ୍ଧାଳୁ ମହିଳା ଓ ପୁରୁଷମାନେ ଏହି ରଥକୁ ସଂକୀର୍ତ୍ତନ ମାଧ୍ୟମରେ ଧୂପଦୀପ ଦେଇ ବନ୍ଦାପନା କରିବା ସହ ଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଅରୁଆ ଚାଉଳ ଓ ଗୋଟାଗୁଆ ଅର୍ପଣ କରିଛନ୍ତି । ଏହି ଅର୍ପଣ ରଥ ଶୁଭାରମ୍ଭ କାର୍ଯ୍ୟରେ ବ୍ଲକ୍ ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ବ୍ଲକ ଅଧ୍ୟକ୍ଷାଙ୍କ ପ୍ରତିନିଧି ତ୍ରିନାଥ ଜେନା, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ବେହେରା, ବିଡିଓ ଅମୀୟ ପଣ୍ଡା, ଏବିଡିଓ ଜ୍ଞାନରଞ୍ଜନ ପଣ୍ଡା, ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରଦ୍ୟୁତ ସାହୁ ପ୍ରମୁଖ ଅତିଥିଭାବେ ଯୋଗଦେଇ ଏହି ରଥର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଲଲାଟ ସେଠୀ, ଶୁଭଶ୍ରୀ ଶରଣ, କିଶୋର ପଲେଇ, ଅଜୟ ଜେନା, କିଶୋର ନାୟକ, ବଳରାମ ସାହୁ, ରମେଶ ବାରିକ, ଚନ୍ଦନ ଷଡଙ୍ଗୀ, ବୈଷ୍ଣବ ପରିଡା, ହରେକୃଷ୍ଣ ସାମଲ, ଜ୍ୟୋତିଷ ଚନ୍ଦ୍ର ନାୟକ, ଅନିତା ବେହେରା, ମନିଶା ମଲିକ, କବିତା ସାହୁ, ସନ୍ଧ୍ୟାରାଣୀ ନାୟକ, ପ୍ରତିମା ସାହୁ, କବିତା ପ୍ରଧାନ, ଶ୍ୱାତୀରେଖାଙ୍କ ସମେତ ଶହ ଶହ ସଂଖ୍ୟାରେ ଜଗନ୍ନାଥପ୍ରେମୀ ଶ୍ରଦ୍ଧାଳୁ ଉପସ୍ଥିତ ଥିଲେ ।

**ଫୁଲନଖରା:** ବାରଙ୍ଗ ବ୍ଲକ୍ ୩୩ ନଂ ଜୋନ୍‌ରେ ଜୟ ଜଗନ୍ନାଥ ଅର୍ପଣ ରଥର ପରିକ୍ରମା କୁରାଙ୍ଗଶାସନ ସ୍ଥିତ ଜଗନ୍ନାଥ ମନ୍ଦିରରୁ ଶୁଭାରମ୍ଭ ହୋଇଛି । ପ୍ରଥମ ଦିବସରେ କୁରାଙ୍ଗ ଶାସନ ପଞ୍ଚାୟତର ଈଶ୍ୱରପୁର, କୁଦସାହି, ଟୁଙ୍କୁଲିପଡା, କ୍ୱାଇଁଲୋ, ଗଙ୍ଗେଶ୍ୱର, ନଛିପୁର, ଉତ୍ତମାପୁର, ବଡ଼ଝରିଲୋ, ତୋଟାସାହି, ରୟତସାହି, ନଡିଆଗୁରୁଡି ଓ କୁରାଙ୍ଗଶାସନ ଆଦି ଗ୍ରାମ ପରିକ୍ରମା କରିଥିଲା । ଗ୍ରାମବାସୀମାନେ ଉତ୍କଣ୍ଠାର ସହିତ ଘର ଦୁଆରମୁହଁରେ ମୁରୁଜ ଝୋଟି, ଚିତା ଓ ଦୀପ ଜାଳି ଅର୍ପଣ ରଥକୁ ସ୍ୱାଗତ କରିବା ସହ ଅକ୍ଷତ, ଗୁଆ ଓ ଦକ୍ଷିଣା ଆଦି ପ୍ରଦାନ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମିତିସଭ୍ୟ ସତ୍ୟବ୍ରତ ଜେନା, ସରପଞ୍ଚ ରୋହିଣୀ ଭୋଇ, ଅରୁଣ ସାହୁ, ବିଜୟ ସାହୁ, ଅସିତ ସାସମଲ, କୈଳାସ ଚନ୍ଦ୍ର ସାହୁ ଓ ରାଜଦର୍ଶନ ବାରିକ ପ୍ରମୁଖ ଏହି ପରିକ୍ରମାର ନେତୃତ୍ୱ ନେଇଥିବା ବେଳେ ଗ୍ରାମବାସୀମାନେ ସହଯୋଗ କରିଥିଲେ । ପଞ୍ଚାୟତ ନିର୍ବାହୀ ଅଧିକାରୀ ରାଜଲକ୍ଷ୍ମୀ ଭୂୟାଁ, କନିଷ୍ଠ ଯନ୍ତ୍ରୀ ରାଜଶ୍ରୀ ରାଉତ ଓ ଜିଆର୍‌ଏସ୍ ଜୀବନାନନ୍ଦ ପତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

**ସାଲେପୁର:** ସାଲେପୁର ବ୍ଲକ୍‌ର ସୁନ୍ଦଖଣ୍ଡ ପଞ୍ଚାୟତରେ ଶ୍ରୀମନ୍ଦିରର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଉତ୍ସବ ପାଇଁ ଅର୍ପଣ ରଥ ବୁଲିବା ସହ ଗୋଟେ ଗୁଆ ଓ ମୁଠେ ଚାଉଳ ସଂଗ୍ରହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ପଞ୍ଚାୟତର ବିଭିନ୍ନ ସ୍ଥାନରେ ଅର୍ପଣ ରଥକୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯିବା ସହ ରାସ୍ତାର ବିଭିନ୍ନ ସ୍ଥାନରେ ଗ୍ରାମର ମହିଳାମାନେ ପୂଜାର୍ଚ୍ଚନା କରୁଥିବାର ଦେଖିବାକୁ ମିଳିଥିଲା । ଏହି କାର୍ଯ୍ୟକ୍ରମରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ସୁନ୍ଦଖଣ୍ଡ ପଞ୍ଚାୟତର ସରପଞ୍ଚ ଚୌଧୁରୀ ପ୍ରମୋଦ କୁମାର ରାଉତରାୟଙ୍କ ସମେତ ବହୁ ଜଗନ୍ନାଥପ୍ରେମୀ, ମହିଳା, ୱାର୍ଡ ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

**ବାଙ୍କୀ:** ଆଜି ଡମପଡ଼ା ବ୍ଲକ ଅନ୍ତର୍ଗତ ଶିମିଳିପୁର ଗ୍ରାମ ପଞ୍ଚାୟତ ଏବଂ ରଗଡି ପଞ୍ଚାୟତରେ ଅର୍ପଣ ରଥ ମଙ୍ଗଳବାର ଘର ଘର ବୁଲି ଅକ୍ଷତ ଅରୁଆ .ଉଳ ଏବଂ ଗୁଆ ସଂଗ୍ରହ କରିଥିଲା । ଏହି ରଥ ପ୍ରଭୁ ଶ୍ରୀ ମହିମାମଣି ମନ୍ଦିରରୁ ବାହାରିଥିବା ବେଳେ ଏହାକୁ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ଶୁଭାରମ୍ଭ କରିଥିଲେ । ନିଜେ ବିଧାୟକ ଘର ଘର ବୁଲି .ଉଳ ଏବଂ ଗୁଆ ସଂଗ୍ରହ କରିବା ସହ ଭାବବେଗ ପରିବେଶ ଗ୍ରାମରେ ସୃଷ୍ଟି ହୋଇଥିଲା । ଏଥିରେ ୩୭ନଂ ଜୋନ୍ ଜିଲ୍ଲାପରିଷଦ ସଦସ୍ୟା ମିନତୀ ମହାପାତ୍ର, ସରପଞ୍ଚ ବିଜୟଲକ୍ଷ୍ମୀ ମହାନ୍ତି, ସମିତିସଭ୍ୟ ତଥା ଡମପଡ଼ା ବ୍ଲକ ଯୁବବିଜେଡି ସଭାପତି ଭାଗୀରଥି ପାଣି, ସମବାୟବିତ୍ ସମରେନ୍ଦ୍ର ମହାପାତ୍ର, ଉଦ୍ଦିପ୍ତ ପଟ୍ଟନାୟକ, ସମାଜସେବୀ ବିଜୟ ମହାନ୍ତି, ଯୁବନେତା ରଞ୍ଜନ ରଣାଙ୍କ ସମେତ ଗ୍ରାମର ବହୁ ପୁରୁଷ ଏବଂ ମହିଳା ସଂକୀର୍ତ୍ତନ ଦଳ, ଭାଗବତ ଦଳ ଯୋଗଦେଇଥିଲେ । ସେହିପରି ଶିମିଳିପୁର ପଞ୍ଚାୟତରେ ଅର୍ପଣ ରଥ କରବର, ମକୁନ୍ଦପୁର, ଚାରିଘରିଆ, ଶିମିଳିପୁର, ଶୁଖୁଆଖଳା ଆଦି ପରିଭ୍ରମଣ କରି ଅରୁଆ .ଉଳ ଏବଂ ଗୁଆ ପ୍ରତିଘରୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ସଂଗ୍ରହ କରିଥିଲେ । ଏଥିରେ ସ୍ଥାନୀୟ ଯୁବନେତା ବିଭୁପ୍ରସାଦ ସାମଲ, ସରପଞ୍ଚ ସୁକାନ୍ତ ବେହେରା, ସମିତି ସଭ୍ୟା ଝୁନୁ ନାୟକ, ଇନ୍ଦ୍ରମଣି ନାୟକ, ବିଭୂଦତ୍ତ ବିଭୂତି ରାୟ, ଅନ୍ତର୍ଯାମୀ ନାୟକ, ଲିଟୁ ସାମଲ, ଜିତେନ୍ ନାୟକ, ମୁନା ନାୟକଙ୍କ ସମେତ ବହୁ ମହିଳା ଏବଂ ପୁରୁଷ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ସେହିପରି ବାଙ୍କୀ ବ୍ଲକର ବଳଭଦ୍ରପୁର ପଞ୍ଚାୟତ, ଗୋଳାଗଣ୍ଡ ପଞ୍ଚାୟତ ଏବଂ ବନ୍ଦାଳ ପଞ୍ଚାୟତରେ ଅର୍ପଣ ରଥ ଘର ଘର ବୁଲି ଅରୁଆ ଚାଉଳ ଓ ଗୁଆ ସଂଗ୍ରହ କରିଥିଲେ । ବିଧାୟକ ଶ୍ରୀ ତ୍ରିପାଠୀ ସବୁ ପଞ୍ଚାୟତର ଏହି ପରିକ୍ରମା କାର୍ଯ୍ୟକ୍ରମରେ ସାମିଲ୍ ହୋଇ ଲୋକମାନଙ୍କ ସହ ଘର ଘର ବୁଲିଥିଲେ ।

**ନିଶ୍ଚିନ୍ତକୋଇଲି:** ଦ୍ୱିତୀୟ ଦିନରେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳରେ ମୋଟ ୧୧ଟି ପଞ୍ଚାୟତରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି । କୋଲଣପୁର ପଞ୍ଚାୟତରେ ସରପଞ୍ଚ ଗୋପବନ୍ଧୁ ସେଠୀଙ୍କ ତତ୍ତ୍ୱାବଧାନରେ ରଘୁନାଥଜୀଉ ମଠରୁ ପୂଜାର୍ଚ୍ଚନା କରାଯାଇ ରଥ ପରିକ୍ରମା ଆରମ୍ଭ କରିଥିଲା ବେଳେ ପ୍ରଥମେ ପଞ୍ଚାୟତ କାର୍ଯ୍ୟାଳୟରେ ଅର୍ଘ୍ୟ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଯତିନ୍ଦ୍ରନାଥ ଜେନା, ପ୍ରେମାନନ୍ଦ ଜେନା, ପ୍ରହଲ୍ଲାଦ ନାୟକ, ପ୍ରଶାନ୍ତ ଜେନା, ନୋଡ଼ାଲ ଅଫିସର ସାଗରିକା ପରିଡ଼ା ଓ ଶୁଭଦର୍ଶିନୀ ମିଶ୍ର ପ୍ରମୁଖ ଯୋଗଦେଇଥିଲେ । କୋଲଣପୁର ପଞ୍ଚାୟତ ୭ଟି ୱାର୍ଡରେ ରଥ ପରିକ୍ରମା କରି ପ୍ରତ୍ୟେକ ଘରୁ ଅରୁଆ ଚାଉଳ, ଗୁଆ ଓ ଦକ୍ଷିଣା ସଂଗ୍ରହ କରାଯାଇଥିଲା । ସେହିପରି ଓରତି ପଞ୍ଚାୟତରେ ଜିଲ୍ଲାପରିଷଦ ସଭ୍ୟ ଭୂପତିଭୂଷଣ ଷଣ୍ଢ ଓ ନୋଡ଼ାଲ ଅଫିସର ସର୍ବେଶ୍ୱର ସିଂଙ୍କ ତତ୍ତ୍ୱାବଧାନରେ ମା' ଚାଚଖାଇ ଠାକୁରାଣୀ ପୀଠରୁ ରଥ ବାହାରି ନରାଜପୁର, ଦିଆନପୁର, କୃଷ୍ଣଦାସପୁର ଓ ଅସରପଡ଼ା ଗ୍ରାମ ପରିକ୍ରମା କରି ଅକ୍ଷତ, ଗୁଆ ଓ ଅର୍ଘ୍ୟ ପ୍ରତ୍ୟେକ ଘରୁ ସଂଗ୍ରହ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ରୋଜି ସେଠୀ, ସରପଞ୍ଚ ସରୋଜିନୀ ବେହେରା, ଅଭିରାମ ବିଶ୍ୱାଳ, ଯୁବନେତା ମନୋଜ ସେଠୀ, ରମେଶ ଚନ୍ଦ୍ର ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କେରିଲୋ ପଞ୍ଚାୟତରେ ଯୁବନେତା ଅଜିତ ନାୟକ ଓ ନୋଡ଼ାଲ ଅଫିସର ପ୍ରସନ୍ନ ସାହୁଙ୍କ ତତ୍ତ୍ୱାବଧାନରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ପାଇଁ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଗିରିଶ ରଞ୍ଜନ ମହାପାତ୍ର ଉଦଘାଟନ କରିଥିଲେ । ଭାଗବତ ଯୋଗାଶ୍ରମରୁ ରଥ ବାହାରି ଛପଟିକଣା ଓ କେରିଲୋର ୬ଟି ୱାଡର୍ ପରିକ୍ରମା କରିଥିଲା । ପ୍ରତ୍ୟେକ ପରିବାର ପକ୍ଷରୁ ରଥକୁ ଭବ୍ୟ ସମ୍ବର୍ଦ୍ଧନା କରାଯାଇ ପୂଜାର୍ଚ୍ଚନା ସହ ଅକ୍ଷତ, ଗୁଆ ଓ ଅର୍ଘ୍ୟ ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ସରପଞ୍ଚ ଶୁଭ୍ରା ମହାନ୍ତି, ସମିତିସଭ୍ୟା ସୌରପ୍ରଭା ଜଗଦେବ୍, ବ୍ରଜମୋହନ ପଣ୍ଡା, ମନୋଜ ଦାସ, ଗଙ୍ଗାଧର ନାୟକ, ବୈକୁଣ୍ଠନାଥ ସିଂ, ସୁତମ ବେହେରା, ସୁରେନ୍ଦ୍ରନାଥ ଦାସ ଓ ସୁବଳଚରଣ ରାଉତ ଯୋଗଦେଇଥିଲେ । ସେହିପରି ନିଶ୍ଚିନ୍ତକୋଇଲି, କଟରପଡ଼ା, ଫଗୋଳ, କେନ୍ଦୁପାଟଣା, ଝାଡ଼େଶ୍ୱରପୁର, ନେମାଳ, ପାଳଦା, ବନ୍ଧୁପୁର, ଜନାର୍ଦ୍ଦନପୁର ଆଦି ପଞ୍ଚାୟତରେ ରଥ ପରିକ୍ରମା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି ।

**ଆଠଗଡ଼:** ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଐତିହାସିକ ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଜାନୁଆରୀ ୧୭ ତାରିଖରେ ଲୋକାର୍ପଣ ହେବ । ଏଥି ସହିତ ଜଗନ୍ନାଥ ସଂସ୍କୃତିକୁ ସାରା ବିଶ୍ୱରେ ପ୍ରକଟିତ କରିବା ପାଇଁ ଶ୍ରୀଜଗନ୍ନାଥ ପ୍ରଚାର ଅର୍ପଣ ରଥ ପରିକ୍ରମା କରୁଛି । ଏହି ପରିପ୍ରେକ୍ଷୀରେ ଆଠଗଡ଼ର ଆରାଧ୍ୟ ମହାପ୍ରଭୁ ଅଟ୍ଟାଳୀ ଜଗନ୍ନାଥଙ୍କ ଠାରୁ ଆଜ୍ଞାମାଳ ଆଣି ପୂଜାର୍ଚ୍ଚନା କରି ସମସ୍ତ ରଥକୁ ଆଠଗଡ଼ର ବିଧାୟକ ତଥା ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଏହାକୁ ଶୁଭାରମ୍ଭ କରିଥିଲେ । ଆଜି ଆଠଗଡରେ ୬ଟି ପଞ୍ଚାୟତ ବୁଲିବା ସହ ଜାନୁଆରୀ ୧୪ ତାରିଖ ପର୍ଯ୍ୟନ୍ତ ପ୍ରତି ପଞ୍ଚାୟତରେ ପ୍ରତ୍ୟେକ ବ୍ୟକ୍ତିଙ୍କ ଘରୁ ଅରୁଆ ଚାଉଳ ଗୁଆ ସଂଗ୍ରହ କରିବେ ।



ନିଶ୍ଚିନ୍ତକୋଇଲି



ସାଲେପୁର



ବାଙ୍କୀ



ଆଠଗଡ଼

